## ଗୋପାଳପୁର ପାନ୍ଥନିବାସରେ ରଜପର୍ବ ପାଳିତ



**ବ୍ରହ୍ମପୁର, ୧୪।୬(ସମିସ):** ଗୋପାଳପୁର ପାନ୍ଥ ନିବାସରେ ପହିଲି ରଜ ପାନ୍ଥନିବାସ ମ୍ୟାନେଜର ବାପି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ରଜପର୍ବ ତିନି ଦିନ ପାଳନ ହେବ। ଏନେଇ ପାନ୍ଥନିବାସ ପରିସରରେ ସୁସଜ୍ଜିତ ଦୋଳି ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏନଏସି ଅଧକ୍ଷ ଏ. ଜାନକୀ ରାମ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ ଏ ସି ଉପାଧକ୍ଷା ବି. ଉମା, ଜି. ମହୋନ, ସନତ କୁମାର ପଣ୍ଡାଙ୍କ ସମେତ ପାନ୍ଥନିବାସରେ ରହୁଥିବା ପର୍ଯ୍ୟଟକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ପାନ୍ଥନିବାସ ପକ୍ଷରୁ କାକରା, ମଣ୍ଡା, ପୋଡ଼ ପିଠା, ଦହିବରା ଆଦି ପିଠା ପ୍ରସ୍ତୁତ ହୋଇ ବର୍ଣ୍ଟନ ହୋଇଥିଲା। ପରେ ପର୍ଯ୍ୟଟକ ମାନେ ଦୋଳି ଖେଳି ମଜା ନେଇଥିଲେ। ସେହିପରି ଗୋପାଳପୁର ସ୍ଥିତ ଜରା ନିବାସର ପରିଚାଳିକା ସାବିତ୍ରୀ ଦେବତାଙ୍କ ଅଧକ୍ଷତାରେ ରଜ ପର୍ବ ପାଳନ ହୋଇଥିଲା। ସକାଳୁ ଅନ୍ତବାସୀ ମାନେ ମହା ଆଡମ୍ବରରେ ରଜପର୍ବ ପାଳନ କରି ପିଠାପଣା, ଲୁଡୁ, କେରମ ଓ ରଜ ପାନ ଏବଂ ଦୋଳିର ମଜା ନେଇଥିଲେ।

### ନାଚ, ଗୀତରେ ଜମିଲା ପହିଲି ରଜ

# ଦୋଳି ଖେଳିଲେ, ମିଠା ଖୁଆଇ ମଜା ନେଲେ







**ବ୍ରହ୍ମପୁର, ୧୪।୬(ସମିସ)**

ପହିଲି ରଜର ପୁଲକରେ ବ୍ରହ୍ମପୁର ସହର ଉତ୍ସବ ମୁଖର ହୋଇଥିଲା। ପ୍ରତ୍ୟେକ ସାହି ଓ ପାର୍କରେ ରଜର ଆସର ଦେଖିବାକୁ ମିଳିଥିଲା। କୁଆଁରୀ, ବାଳିକା ଓ ମହିଳାମାନେ ରଜପର୍ବରେ ନିଜକୁ ସାମିଲ କରି ମଜା ନେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସର୍ଭିସ ଫର ଦି ବ୍ଲାଇଣ୍ଡ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ୩୦ରୁ ଉର୍ଦ୍ଧ୍ୱ ଦୃଷ୍ଟିବାଧିତ ଛାତ୍ରୀମାନେ ଯୋଗଦେଇ ରଜ ପର୍ବ ପାଳନ କରିଥିଲେ। ଦୋଳି ଖେଳିବା ସହ ପରସ୍ପରକୁ ମିଠା ଖୁଆଇ ମଜା ନେଇଥିଲେ। ସେହିଭଳି ପାରମ୍ପରିକ ଗୀତ ତାଳେ ତାଳେ ନାଚିଥିବା ଦେଖିବାକୁ ମିଳିଛି। ଦୃଷ୍ଟିବାଧିତ ବାଳିକା ମାନେ ଆଜି ସକାଳୁ ଉଠି ନିଜର ନିତ୍ୟକର୍ମ ସାରିବା ପରେ ନୂଆ ଡ୍ରେସ ପରିଧାନ କରି ହାତରେ ମେହେନ୍ଦି ପାଦରେ ଅଳତା ଲଗାଇ ନିଜକୁ ସଜ୍ଜିତ କରିଥିଲେ। ପରେ ଛାତ୍ରୀମାନେ କାକରା, ଆରିଷା, ପୋଡପୀଠା, ଚନ୍ଦ୍ରକାନ୍ତି ସହ ବିଭିନ୍ନ ପାରମ୍ପାରିକ ପୀଠା ଖାଇବା ସହ ମିଠା ଖାଇଥିଲେ। ଦୃଷ୍ଟିହୀନ ହୋଇଥିଲେ ହେଁ ରଜ ଖେଳିବା ନିଜେ ଦେଖିପାରୁନଥିଲେ ସୁଦ୍ଧା ଏହାକୁ ଅନୁଭବ କରିପାରୁଛୁ ବୋଲି ବାଳିକାମାନେ କହିଛନ୍ତି। ଦୀର୍ଘ ପନ୍ଦର ବର୍ଷ ହେବ ଅନୁଷ୍ଠାନ ପକ୍ଷରୁ ଏଭଳି ରଜପର୍ବ ପାଳିତ ହେଉଥିବା ଅନୁଷ୍ଠାନର ମୁଖ୍ୟ ଭବାନୀ ଶଙ୍କର ପାଢ଼ୀ ଏଠାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ବିଜେଡି ନେତା ସୁବାସ ମହାରଣା, ସୁଇଟି ସହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ମଧ ଦୋଳିରେ ବସି ରଜ ଗୀତ ଗାଇବା ସହ ବିଭିନ୍ନ ପାରମ୍ପାରିକ ପିଠା ଓ ମିଠା ଖାଇଥିଲେ। ସେହିଭଳି ଠାକୁରାଣୀ ମନ୍ଦିରସାହିରେ କେ ମୋନଜ ପାତ୍ରଙ୍କ ଉଦ୍ୟମରେ ରଜ ପର୍ବ ପାଳିତ ହୋଇଥିଲା। ଏଥିରେ ମହିଳା ଓ ଯୁବତୀମାନେ ସାମିଲ ହୋଇଥିଲେ।

# ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ





**ବ୍ରହ୍ମପୁର, ୧୪।୬(ସମିସ)**

ଚଳିତବର୍ଷ ଭୀଷଣ ରୌଦ୍ରତାପ ଦେଖିବାକୁ ମିଳିଛି। ଏଥିଯୋଗୁଁ ଓଡ଼ିଶାରେ ଅନେକଙ୍କ ଜୀବନ ମଧ ଯାଇଥିବା ନଜିର ରହିଛି। ବର୍ଷକୁ ବର୍ଷ ଏହି ଖରା ବଢ଼ି ଚାଲିଛି। ପୁଣି ମେରୁ ତଥା ଗିରୀଶୃଙ୍ଗ ମାନଙ୍କର ବିଶାଳକାୟ ବରଫ ଖଣ୍ଡ ତରଳି ସମୁଦ୍ର ଜଳପତନର ବୃଦ୍ଧି ଘଟୁଛି। ନଦୀ ନାଳପୋଖରୀ ହ୍ରଦ ଶୃଙ୍ଖଳା ପଡ଼ିଛି। ଭୂତଳ ଜଳ ତଳକୁ ତଳକୁ ଚାଲିଗଲାଣି। କେଉଁଠି ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବ ତ କେଉଁଠି ମରୁଡ଼ି ପୁଣି କେଉଁଠି ସର୍ବଗ୍ରାସୀ ଦାବାନଳ। କାରଣ ବିପର୍ଯ୍ୟସ୍ତ ପରିବେଶ ଯୋଗୁଁ ଜଳବାୟୁ ପରିବର୍ତ୍ତନ। ଏହାକୁ ପ୍ରତିହତନ କଲେ ଭବିଷ୍ୟତ ବଂଶଧରଙ୍କ ଜୀବନ ଧାରଣ ଅସମ୍ଭବ ହୋଇ ପଡ଼ିବ। ଏହିସବୁ ଦୃଷ୍ଟିରୁ ଆର୍ଯ୍ୟଭଟ୍ଟ, ବ୍ରହ୍ମପୁର ଦୀର୍ଘ ୧୭ ବର୍ଷ ହେଲା ଲୋକଙ୍କୁ ସଚେତନ କରେଇବା ସହ ବହୁଳ ସଂଖ୍ୟାରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ଗୁଣ୍ଡୁଚି ମୂଷାର ଚେଷ୍ଟାରେ ରତ ଅଛି। ଏହି ବର୍ଷ ପାଇଁ ମଧ ଆଜିଠୁ କାର୍ଯ୍ୟକ୍ରମ ଆରମ୍ଭ କରିଅଛି। ଏହି କ୍ରମରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନ ଆନୁକୂଲ୍ୟରେ ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ କରାଯାଇଥିଲା। ଏହାକୁ ସ୍ଥାନୀୟ ଉପବନ ସଂରକ୍ଷିକା ମାଣିକେଶ୍ୱରୀ ହଂସଦା, ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀ ଓ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନୀ ଖୋକର ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି ଏକାଧିକ ସଚେତନତା ରଥ ଗଞ୍ଜାମ ଜିଲ୍ଲା ତଥା ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳରେ ଜୁଲାଇ ମାସ ଶେଷ ଯାଏଁ ବୁଲି ପରିବେଶର ଭୟଙ୍କର ଅସନ୍ତୁଳନ, ତଦଜନିତ ଜୀବନ ହରଣକାରୀ ତାତି ବିଷୟରେ ସଚେତନ କରାଇବା ସହ ବ୍ୟାପକ ଭାବେ ବୃକ୍ଷ ରୋପଣ କରି ନିଜର ତଥା ନିଜ ବଂଶଧରଙ୍କ ଜୀବନ ରକ୍ଷାକରିବା ପାଇଁ ଅନୁରୋଧ କରିବ। ଏହାସହ ଜନ ସାଧାରଣଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ ଯଥା ପଲିଥିନ୍ ବ୍ୟାଗ୍, ଷ୍ଟ୍ର, କପ୍ ପ୍ଲେଟ୍ ଇତ୍ୟାଦି ବର୍ଜନ ପାଇଁ ନିବେଦନ କରିବା ସହ ଜଳ ସଂରକ୍ଷଣ ପାଇଁ ଅନୁରୋଧ କରିବ। ଏହା ସହ ମଞ୍ଜି ଗୁଳା ମେସିନ୍‌ର ମଧ ଶୁଭାରମ୍ଭ ସୋନୀ ଖୋକରଙ୍କ ଦ୍ୱାରା କରାଯାଇଥିଲା ଓ ବୃକ୍ଷରୋପଣ କରାଯାଇଥିଲା। ଏହି ମଞ୍ଜି ଗୁଳା ଓ ମଞ୍ଜି ପୋତି ଲଣ୍ଡା ପାହାଡ଼ ମାନଙ୍କରେ ସବୁଜିମା ସୃଷ୍ଟି କରିବା କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ସୁଧୀର ରାଉତ, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଡ.ଶଙ୍କର ନାରାୟଣ ବେଜ, କୋମାଲୀ, ସୁବାସମିଶ୍ର, ବନମାଳୀ ପ୍ରଧାନ ଓ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ଭୀମ ରାଜୁପାତ୍ର ଓ ମାଧବ ନାୟକ ପରିଚାଳନା କରିଥିଲେ।

### ପୂଜ୍ୟପୂଜା ସମିତି

## ଫକୀର ମୋହନ ସେନାପତିଙ୍କ ତିରୋଧାନ ଦିବସ ପାଳିତ



ବ୍ରହ୍ମପୁର, ୧୪।୬(ସମିସ): ଏମକେସିଜି ମେଡିକାଲ କଲେଜ ପରିସରରେ ପୂଜ୍ୟ ପୂଜା ସମିତି ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଓମ ଲଫିଂଗ କ୍ଲବର ସଭାପତି ଦେବରାଜ ଦାଶ ସଭାପତିତ୍ୱ କରିଥିଲେ। ସଭାରେ ଫକୀର ମୋହନ ସେନାପତିଙ୍କ ଜୀବନୀ ଆଲୋଚନା ହୋଇଥିଲା। ସେ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗନ୍ତ ଦେଇଥିଲେ। ଫକୀର ମୋହନ ସେନାପତି ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ଛ' ମାଣ ଆଠଗୁଣ୍ଠ, ପ୍ରଥମ ଜୀବନୀ 'ଆନ ଚରିତ', ପ୍ରଥମ ଗଳ୍ପ 'ରେବତୀ', ଏବଂ କବିତା ସମୂହ ରଚନା କରିଥିଲେ। ଜମିଦାରଙ୍କ ଅତ୍ୟାଚାର, ମଠାଧୀଶ ବାବାଙ୍କ ଭଣ୍ଡାମୀ, ବ୍ୟଭିଚାର, ଗୁଣିଗାରେଡି, ଝାଡ଼ଫୁଙ୍କ ବିଦ୍ୟା ଦ୍ୱାରା ଠକାମୀ, ମଦ୍ୟପାନ, ସମାଜର ବଡ଼ପଣ୍ଡା ଦ୍ୱାରା ନିର୍ଯ୍ୟାତିତା ବିଧବାର ଯନ୍ତ୍ରଣା, ମରହଟ୍ଟା, ବର୍ଗୀ ମାନଙ୍କ ଉତ୍ପାତ ବିରୁଦ୍ଧରେ ସେ ବହୁ ରଚନା ସୃଷ୍ଟି କରିଯାଇଛନ୍ତି। ସେହିପରି ଅନ୍ଧ ଧାର୍ମିକତା, କୁସଂସ୍କାରକୁ ସେ ଦୃଢ଼ ସମାଲୋଚନା କରିଛନ୍ତି। ନାରୀ ଶିକ୍ଷା ଓ ସାମାଜିକ ଚଳଣିରେ ନାରୀ ମାନଙ୍କ ଯନ୍ତ୍ରଣାକୁ ସେ ନିଜ ଗଳ୍ପ ମାଧ୍ୟମରେ ସମାଜର ଦୃଷ୍ଟିକୁ ଆଣିଛନ୍ତି ବୋଲି ଏଠାରେ କୁହାଯାଇଥିଲା। ନୀତି ନୈତିକତା, ରୁଚି ସଂସ୍କୃତି, ମୂଲ୍ୟବୋଧର ଭିତ୍ତିରେ ସମାଜକୁ ଗଢିବାପାଇଁ ଫକୀର ମୋହନ ବହୁ ସାହିତ୍ୟ କୃତି ସୃଷ୍ଟି କରିଯାଇଛନ୍ତି। ପରିଶେଷରେ ପୂଜ୍ୟ ପୂଜା ସମିତିର ସମ୍ପାଦକ ଏସ. ସାମ୍ବଶିବା ରାଓ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ପଣ୍ଡା, ଜଟେଶ୍ୱର ସାବତ, ରାମଚନ୍ଦ୍ର ସାହାଣୀ, ବି. ଭଗବତୀ ରାଓ, ଡା. ରାଜେନ୍ଦ୍ର କୁମାର ତ୍ରିପାଠୀ, ପି. ନାଗେଶ୍ୱର ରାଓ, କାହ୍ନୁ ଚରଣ ପାତ୍ର, ଜୟ କୃଷ୍ଣ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ରଞ୍ଜିତ କୁମାର ସାମନ୍ତରାୟ, ଗଗନ ଚନ୍ଦ୍ର ମଲ୍ଲିକ, ପ୍ରଶାନ୍ତ କୁମାର ପଣ୍ଡା, ଅଳକା ନାଥ ମିଶ୍ର, ପି. କ୍ରିଷ୍ଣା ରେଡ୍ଡୀ, ସୁବାଷ ଚନ୍ଦ୍ର ମିଶ୍ର, ଅଶୋକ ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବିରେନ କୁମାର ବେହେରା, ବିଜୟ ଚନ୍ଦ୍ର ବିଶୋଇ, ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ରକ୍ତଦାନ



ବ୍ରହ୍ମପୁର, ୧୪।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ଲାଞ୍ଜିପଲ୍ଲୀ ଶାଖାର ପ୍ରତିଷ୍ଠାତା ତଥା କଥା ବାଚକ ସ୍ୱାମୀ ହରି ଶରଣାନନ୍ଦ ସରସ୍ୱତୀ ମହାରାଜ ରକ୍ତଦାନ କରିଛନ୍ତି। ସେ ଏମକେସିଜି ମେଡିକାଲ ରକ୍ତଭାଣ୍ଡରେ ରକ୍ତଦାନ କରିଛନ୍ତି। ଦୀର୍ଘ ୨୧ବର୍ଷ ହେବେ ଶ୍ରୀ ମହାରାଜ ରକ୍ତଦାନ କରି ଆସୁଛନ୍ତି। ମାନବ ସେବା ହିଁ ମାଧବ ସେବା କୁହାଯାଇଥିବା ବେଳେ ରକ୍ତ ଦାନ ଦ୍ୱାରା ମାନବ ସେବା ହୋଇଥାଏ। ନିଜେ ଭଲ ହେବା ଏବଂ ଅନ୍ୟର ଭଲ କାମ କରିବା, ରକ୍ତ ଦାନ ଦ୍ୱାରା ଅନ୍ୟକୁ ଜୀବନ ଦାନ ମିଳିଥାଏ ବୋଲି ଶ୍ରୀ ମହାରାଜ କହିଛନ୍ତି। ଯୁବପିଢ଼ିମାନେ ଭାରତୀୟ ମୁନିଋଷି ପରମ୍ପରା, ସଂସ୍କୃତି ଜୀବନରେ ଧାରଣ କରିଲେ ନିଶ୍ଚିତ ଜୀବନରେ ପରିବର୍ତ୍ତନ ଆସିଥାଏ ବୋଲି ସେ କହିଛନ୍ତି।

## ନିର୍ମାଣ ସାମଗ୍ରୀ ଚୋରି

**ବ୍ରହ୍ମପୁର, ୧୪।୬(ସମିସ):** ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାର ନିକଟରେ ଏକ ଘରୁ ବିଭିନ୍ନ ନିର୍ମାଣ ସାମଗ୍ରୀ ଚୋରି ହୋଇଛି। ସୂଚନାପ୍ରକାରେ, ପାଟପୁର ଜିଉରା ଗ୍ରାମର ରୀନା କୁମାରୀ ସାହୁ ଓମ ବିହାର ନିକଟରେ ଥିବା ଶ୍ରୀକ୍ଷେତ୍ର ବିହାରରେ ଏକ ଗୃହ ନିର୍ମାଣ କରୁଛନ୍ତି। ଗୃହ ନିର୍ମାଣ ପାଇଁ କରାଯାଇଥିବା ସେଡ ରୁମରେ ତାଙ୍କର ବିଭିନ୍ନ ସାମଗ୍ରୀ ରଖାଯାଇଥିଲା। ହେଲେ କୌଣସି ଦୁର୍ବୃତ୍ତ ସେହି ସେଡ ଗୃହର କାନ୍ଥ ଭାଙ୍ଗି ଭିତରକୁ ଯାଇ ସାମଗ୍ରୀଗୁଡ଼ିକ ଚୋରି କରି ନେଇଯାଇଛି। ଚୋରି ଘଟଣା ସମ୍ପର୍କରେ ମିସ୍ତ୍ରୀଙ୍କଠାରୁ ଖବର ପାଇବା ପରେ ରିନା ନିମଖଣ୍ଡି ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ତଦନ୍ତ ଜାରି ରଖିଛି।

# ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି ଏମ୍‌କେସିଜି ପରିସର






**ବ୍ରହ୍ମପୁର, ୧୪।୬(ସମିସ)**

- **ଅଧୀକ୍ଷକ କାର୍ଯ୍ୟାଳୟ କଡ଼ରେ ବ୍ରାଉନ୍‌ସୁଗର୍ ସେବନ**
- **ସବୁ ଜାଣିଶୁଣି ପ୍ରଶାସନ ଓ ପୁଲିସ ଚୁପ୍**

ଧଳା ଜହର ଏବେ ଯୁବପିଢିକୁ କବଳିତ କରିଛି। ବହୁ ଯୁବକ ଏହାର କବଜାରେ ପଡ଼ିବା ସହ ପଥଭ୍ରଷ୍ଟ ହୋଇ ସାରିଲେଣି। ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିଶା ବ୍ୟବସାୟୀମାନେ ନିଜର କାୟା ବିସ୍ତାର କରୁଛନ୍ତି। ଫଳରେ ଦିନକୁ ଦିନ ବିଭିନ୍ନ ନିଶାଦ୍ରବ୍ୟ ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛନ୍ତି ଯୁବପିଢ଼ି। ସହରର ବିଭିନ୍ନ ନିରୋଳା ସ୍ଥାନରେ ନିଶା ଦ୍ରବ୍ୟ ସେବନ କରୁଛନ୍ତି। କିନ୍ତୁ କିଛି ମାସ ହେବ ଏମକେସିଜି ମେଡିକାଲ ପରିସରରେ ନିଶାଡିଙ୍କ ଆଡ୍ଡାସ୍ଥଳ ପାଲଟିଛି। କିଛି ଯୁବକ ନିୟମିତ ମେଡିକାଲ ପରିସରରେ ଏକତ୍ରିତ ହୋଇଥାନ୍ତି। ସେଠାରେ ଉକ୍ତ ଯୁବକ ମାନେ ବ୍ରାଉନସୁଗାର ସେବନ ସହ ମଦ୍ୟପାନ କରୁଥିବା ଦେଖିବାକୁ ମିଳିଛି। ସବୁଠୁ ବଡ଼ କଥା ହେଲା ସେଥି ମଧ୍ୟରେ ଅନେକ ଯୁବକ ୧୮ ବର୍ଷରୁ କମ ଥିବା ଜଣାପଡ଼ିଛି। ମେଡ଼ିକାଲର ଏସଏସ ବିଲଡିଂ ଅର୍ଥାତ ଅଧୀକ୍ଷକ କାର୍ଯ୍ୟାଳୟ କଡ଼ରେ ଥିବା କିଛି ଅବ୍ୟବହୃତ କୋଠା ନିଶାଡିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ପୂର୍ବରୁ ଉକ୍ତ କୋଠରେ ମେଡିସିନ ଦୋକାନ ଥିବା ବେଳେ ତାହା କିଛି ବର୍ଷ ହେବ ବନ୍ଦ ପଡ଼ିଛି। ସେହି କୋଠାର ବିଭିନ୍ନ ଝରକା ଓ କବାଟ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରତ୍ୟେକ ଦିନ ଯୁବପିଢି ମାନେ ଆସି ଡ୍ରଗସ ସେବନ ସହିତ ମଦ୍ୟପାନ କରୁଛନ୍ତି। ଏଭଳି ମେଡ଼ିକାଲର ଅନେକ ସ୍ଥାନରେ ଯୁବକ ମାନେ ନିଶା ଦ୍ରବ୍ୟ ସେବନ କରୁଛନ୍ତି। ଏନେଇ ମେଡ଼ିକାଲର ବହୁ ସଂଗଠନ ପକ୍ଷରୁ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ସମେତ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏଥିପ୍ରତି କୌଣସି ପଦେକ୍ଷପ ନିଆଯାଉନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ପୁଲିସ ନିରବତା କାରଣରୁ ଦିନକୁ ଦିନ ନିଶାଡିଙ୍କ ପାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି। ଏଭଳି କ୍ଷେତ୍ରରେ ମେଡ଼ିକାଲର ପରିସରରେ ଦିନକୁ ଦିନ ଚୋରାମଦ, ଡ୍ରଗ୍ସ, ଗଞ୍ଜେଇ, ବ୍ରାହଉନସୁଗାର କାରବାର ଖୁଲମ୍‌ଖୁଲା ଭାବେ ବଢ଼ି ଚାଲିଛି। ଟଙ୍କା ଅଭାବରୁ ଉକ୍ତ ଯୁବକ ମାନେ ବିଭିନ୍ନ ଅସାଧୁ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ଏଭଳି କ୍ଷେତ୍ରରେ ମେଡିକାଲ ପରିସରରେ ଚୋରି ଓ ଲୁଟ୍ ଘଟଣା ବଢ଼ିବାର ଲାଗିଛି। ଅନ୍ୟପକ୍ଷରେ ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ସେଥି ମଧ୍ୟରୁ ଅନେକ କ୍ୟାମେରା ଅଚଳ ଥିବା ଦେଖିବାକୁ ମିଳିଛି। ଯାହାକି ପୁଲିସ ପାଇଁ ଚୋରି ବ୍ୟକ୍ତିଙ୍କୁ ଚିହ୍ନଟ କରିବାରେ କଷ୍ଟକର ହୋଇଥାଏ। ସେପଟେ ନିଶା କବଳରେ ପଡୁଥିବା ଯୁବପିଢି ଘରେ ଟଙ୍କା ପାଇଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଯାହା କି ପରିବାର ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ତେଣୁ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେବକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଅସହାୟ ରୋଗୀଙ୍କୁ ରକ୍ତଦାନ କଲେ କନେଷ୍ଟବଲ ଅମନ ପାଢ଼ୀ

**ବ୍ରହ୍ମପୁର, ୧୪।୬(ସମିସ):** ଓଡ଼ିଶା ପୁଲିସରେ କନେଷ୍ଟବଲ ଭାବେ କାର୍ଯ୍ୟରତ ଅମନ ପାଢ଼ୀ ଜଣେ ଅସହାୟ ରୋଗୀଙ୍କୁ ରକ୍ତଦାନ କରି ପ୍ରଶଂସାର ପାତ୍ର ସାଜିଛନ୍ତି। କନେଷ୍ଟବଲ ଅମନଙ୍କ ଏଭଳି କାର୍ଯ୍ୟ ସମାଜ ପାଇଁ ଉଦାହରଣ ପାଲଟିଛି।

ସୂଚନାଯୋଗ୍ୟ ଯେ, ଗଜପତି ଜିଲ୍ଲାର ଚନ୍ଦ୍ରମା କାର୍ଜୀଙ୍କ ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରକ୍ତହୀନତା କାରଣରୁ ତାଙ୍କ ଅସ୍ତ୍ରୋପଚାର ହୋଇ ପାରୁନଥିଲା। ପରିବାର ପକ୍ଷରୁ ରକ୍ତ ସଂଗ୍ରହ ନିମନ୍ତେ ବହୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଗଞ୍ଜାମ ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚର ଏପିଆର କନଷ୍ଟେବଳ ଅମନ ପାଢ଼ୀ ରକ୍ତଦାନ କରିବା ନିମନ୍ତେ ନିଷ୍ପତି କରିଥିଲେ। ପରେ ଏମକେସିଜି ମେଡ଼ିକାଲର ରକ୍ତ ଭଣ୍ଡାରକୁ ଆସି ରକ୍ତ ଦାନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ବର୍ଷରେ ଅନ୍ତତଃ ଦୁଇ ଥର ରକ୍ତଦାନ କରି ଜଣକର ଜୀବନ ବଞ୍ଚାଇବା ସହ ନିଜ ଶରୀରକୁ ଅନେକ ରୋଗରୁ ମୁକ୍ତ ରଖିବା ପାଇଁ ସେ ଯୁବପିଢୀଙ୍କୁ ସେ ଅନୁରୋଧ କରିଛନ୍ତି।



### ଲୋକଙ୍କୁ ମିଳୁନି, ରାସ୍ତାରେ ଭାସୁଛି

# ଧାରଣାରେ ବସିଲେ ଗ୍ରାମବାସୀ

## ■ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା



ସାନଖେମୁଣ୍ଡି, ୧୪।୬(ସମିସ): ସାନଖେମୁଣ୍ଡି ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ଚାଲିଥିବା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ଲକ୍ଷ୍ୟ ଭ୍ରଷ୍ଟ ହୋଇଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବେଳେ ପାଣି ଗରାଏ ପାଇଁ ଡହଳବିକଳ ହେଉଛନ୍ତି। ଏପଟେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଜଣାପଡ଼ିଛି। କେଉଁଠି ପାଇପ ଚୋରି କରି ପାଣି ଚୋରି କରି ନିଆଯାଉଛି ତ ପୁଣି କେଉଁଠି ପାଣି ପାଉନାହାନ୍ତି ଅଞ୍ଚଳ ବାସି। ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ଛଣମେରୀ ପଞ୍ଚାୟତରେ। ମୌଲାଭଣଜା ଘୋଡ଼ାହାଡ଼ ନଦୀରୁ ଛଣମେରୀ ପାଇପ ଯୋଗେ ପାନୀୟ ଜଳ ଟାଙ୍କିକୁ ଯିବା ପରେ ଗ୍ରାମବାସୀ ପାଣି ପାଇଥାନ୍ତି। କିନ୍ତୁ ଗତ କିଛି ମାସ ହେବ ପାଣି ନ ପାଇବାରୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଘୋଡାହାଡ ନଦୀରୁ ଆସୁଥିବା ପାଇପ ଲାଇନରୁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରୁଥିବା ଠିକାଦାର ଜଣକ ଆଦର୍ଶ ବିଦ୍ୟାଳୟରେ ଚାଲିଥିବା କୋଠା କାମକୁ ଠିକାଦାର ମେନ ପାଇପ କାଟି ତିନୋଟି ପାଇପ ଜରିଆରେ ପାଣି ନେଉଥିବା ବେଳେ ଖୋଲ ପଡ଼ିଆରେ ପାଣି ଭାସୁଥିବା ଦେଖି ଗ୍ରାମବାସୀଙ୍କ ମନରେ ପାଣି ଚୋରି ହେଉଥିବା ସନ୍ଦେହ ହୋଇଥଲା। ତେଣୁ ଶତାଧିକ ମହିଳା ଓ ପୁରୁଷ ଆଦର୍ଶ ବିଦ୍ୟାଳୟ ନିକଟକୁ ଯାଇ ଧାରଣାରେ ବସିଥିଲେ। ଦିଗପହଣ୍ଡି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ିନଥିଲା। ଏନେଇ କଣ୍ଟ୍ରାକ୍ଟର ଜଣଙ୍କୁ ପଚାରିବାରୁ ସେ କହିଛନ୍ତି, ସାନଖେମୁଣ୍ଡି ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଜଣାଇ ପାଇପ୍ ମାଧ୍ୟମରେ ପାଣି ନିଆଯାଇଥିଲା। ଅପରପକ୍ଷେ କନିଷ୍ଠ ଯନ୍ତ୍ରୀ ଉପମା ଘଡାଇଙ୍କୁ ପଚାରିବାରୁ ସେ କହିଛନ୍ତି କି ମୁଁ କାହାରିକୁ ମଧ୍ୟ ପାଣି ପାଇପ୍ ମାଧ୍ୟମରେ ପାଣି ନେବା ପାଇଁ କହିନାହିଁ। ତେବେ ଏମାନଙ୍କ ମଧ୍ୟରୁ ସତ କିଏ କହୁଛି ତାହା ଜାଣିବା ମୁସ୍କିଲ ହୋଇଛି। ତେଣୁ ଜିଲ୍ଲା ପ୍ରଶାସନ ଏହି ଘଟଣାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଧରାକୋଟରେ ଶୀତଳଷଷ୍ଠୀ ଯାତ୍ରା ପାଳିତ

ଧରାକୋଟ, ୧୪।୬(ସମିସ): ଧରାକୋଟ ଗଡ଼ରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। ଏହା ସହ ଗଡ଼ ଅଞ୍ଚଳର ନବ ଶାସନରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ଉଦଯାପିତ ହୋଇଛି। ପ୍ରଥମ ଦିବସରେ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ପରବର୍ତ୍ତୀ ଦିନ ନଗର ପରିକ୍ରମା, ତୃତୀୟ ଦିବସରେ ଧରାକୋଟ ରଥପଦାରେ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ଧରାକୋଟ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ସେହିପରି ନାରାୟଣପୁର ଶାସନରେ ଶିବ ବିବାହ କାର୍ଯ୍ୟକ୍ରମ ପରମ୍ପରା ଅନୁଯାୟୀ ପାଳିତ ହୋଇଥିଲା। ଏହି ଅବସରରେ ପ୍ରହଲ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାକାଳ ଯୁବକ ସଂଘର ସଭାପତି ଭବାନୀ ପ୍ରସାଦ ରଥ ବର୍ମା, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ରଙ୍କ ସହ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱପେନଶ୍ୱର ସ୍ୱାମୀ, ମହାଲିଙ୍ଗେଶ୍ୱର, ଗଙ୍ଗାଧରେଶ୍ୱର, ମୁକ୍ତେଶ୍ୱର, ଚନ୍ଦ୍ରକନ୍ତେଶ୍ୱର, ନୀଳକଣ୍ଠେଶ୍ୱରଙ୍କ ସମେତ ବୈଦ୍ୟନାଥଶ୍ୱର ସ୍ୱାମୀଙ୍କ ବିବାହ କାର୍ଯ୍ୟକ୍ରମ ମା'ପାର୍ବତୀ ଦେବୀଙ୍କ ସହ ସମ୍ପନ୍ନ ହୋଇଛି।

### ପଣ୍ଡିତ ଗାଁ ଛକରେ ସିରିଜ ଚୋରି

# ୪ ଦୋକାନରୁ ତାଲା ଭାଙ୍ଗି ଲୁଟି ନେଲେ



ଖଲ୍ଲିକୋଟ, ୧୪।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ନିକଟସ୍ଥ ପଣ୍ଡିତ ଗାଁ ଛକରେ ଗୁରୁବାର ରାତିରେ ସିରିଜ ଚୋରି ହୋଇଥିବା ଜଣାପଡ଼ିଛି। ୪ଟି ଦୋକାନ ତାଲା ଭାଙ୍ଗି ନଗଦ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହ ଜିନିଷ ପତ୍ର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଦୋକାନୀ ମାନେ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ସକାଳୁ ଚୋରି କଥା ଜଣାପଡ଼ିଥିଲା। ପଣ୍ଡିତ ଗାଁ ଛକରେ ଥିବା ଏନ. ପ୍ରସନ୍ନ ଦୋରାଙ୍କ ଲକ୍ଷ୍ମୀ ନାରାୟଣ ଚୁଡ଼ି ମହଲ ଓ ଷ୍ଟେସନାରୀ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହ ଡ୍ର ଭାଙ୍ଗି ସେଥିରେ ଥିବା ପ୍ରାୟ ୩ ହଜାର ଟଙ୍କା ନେଇ ଯାଇଛନ୍ତି। ଏଥିସହ ବଡି ସ୍ପ୍ରେ, ପାଉଡର ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ମଧ୍ୟ ନେଇ ଯାଇଛନ୍ତି। ସିସିଟିଭି କ୍ୟାମେରା ଭାଙ୍ଗିବା ସହ ତାର ଛିଣ୍ଡାଇ ହାର୍ଡ ଡିସ୍କ ବାହାରେ ଫିଙ୍ଗି ଦେଇଛନ୍ତି। ଏଥିସହ ଦରକାରୀ କାଗଜପତ୍ର ମଧ୍ୟ ଚିରି ଫୋପାଡ଼ି ଦେଇଥିବା ଥାନା ରେ ଅଭିଯୋଗ ହୋଇଛି। ସେହିପରି ମା' ତାରିଣୀ ସେଲୁନର ତାଲା ଭାଙ୍ଗି ଡ୍ରରେ ଥିବା ପ୍ରାୟ ୩ ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ସେଲୁନ ଓ ମା'ସନ୍ତୋଷୀ ଅଟୋ ଗ୍ୟାରେଜରୁ ମଧ୍ୟ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ରଖା ଯାଇଥିବା ଗୋଟିଏ ନୂଆ ବାଇକକୁ ମଧ୍ୟ ଦୁର୍ବୃତ୍ତ ଚୋରି କରି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। କିଛି ଦିନ ତଳେ କେଶପୁର ଛକରୁ ଅନୁରୂପ ଭାବେ ସିରିଜ ଚୋରି ହୋଇଥିଲା। ପୁଲିସର କଡାକଡି ପାଟ୍ରୋଲିଂ ଅଭାବରୁ କ୍ରମାଗତ ଭାବେ ଚୋରି ହେଉଥିବା ଦୋକାନୀ ମାନେ ଅଭିଯୋଗ କରୁଛନ୍ତି। କେଶପୁର ଓ ପଣ୍ଡିତ ଗାଁ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଥିବାରୁ ବ୍ୟବସାୟୀ ଓ ଜନସାଧାରଣ ମାନେ ଭୟଭୀତ ହୋଇ ପଡ଼ିଛନ୍ତି।

### ● ମା' ରାମାୟଣାମ୍ମାଙ୍କ ଯାତ୍ରା

# ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ଛତ୍ରପୁର, ୧୪।୬(ସମିସ): ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ମା'ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବ ମୁଖର ହୋଇପଡ଼ିଛି। ଶୁକ୍ରବାର ପହିଲି ରଜ ହୋଇଥିବାରୁ ଆଜି ମାଙ୍କ ଘଟ ପରିକ୍ରମା ବନ୍ଦ ରହିଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା'ଙ୍କ ଅସ୍ଥାୟୀ ମନ୍ଦିର ଠାରେ ମା'ଙ୍କୁ ଆଜି ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଉଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ଆଳତୀ ବେଳେ ବହୁ ସଂଖ୍ୟାରେ ଭକ୍ତ ମାନେ ଯୋଗ ଦେଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ ଅନସ୍ଲୋ ମିନି ଷ୍ଟାଡିଅମ ପରିସର ରେ ମୀନାବଜାର ଓ ରମାଦୋଳି ଶୁଭାରମ୍ଭ ହୋଇଛି। ଏହାକୁ ଛତ୍ରପୁରର ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ରିବନ କାଟି ଉଦଘାଟନ କରିଥିଲେ। ଛତ୍ରପୁର ସହରର ହେଉଛି ଏକ ଭାଇଚାରାର ସହର ଏଣୁ ମା'ଙ୍କ ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଭାବେ ଚାଲିବ। ସେଥିପାଇଁ ଯାତ୍ରା କମିଟି ସହିତ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ। ଏହି ଅବସରରେ ଯୁବନେତା କେ. ଚନ୍ଦ୍ର ଶେଖର ରେଡ୍ଡୀ, ଡି. ସୁରେଶ ରେଡ୍ଡୀ, ଯାତ୍ରା କମିଟି ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି. ରାଜୁ ରେଡ୍ଡୀ, ଚେନ ବାବୁଙ୍କ ସମେତ ଯାତ୍ରା କମିଟି ସମସ୍ତ ସଦସ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ଯାତ୍ରାର ସୌନ୍ଦର୍ଯ୍ୟକରଣ ନିମନ୍ତେ ସହରର ବିଭିନ୍ନ ସ୍ଥାନରେ କଳାକୁଞ୍ଜ ନିର୍ମାଣ କରାଯାଇଛି। କଳା କୁଞ୍ଜ, ଆଲୋକ ଶଯ୍ୟା ଏବଂ ବିଭିନ୍ନ ମାନସିକଧାରୀଙ୍କ ବେଶ ଗୁଡିକୁ ଦେଖିବା ପାଇଁ ବହୁ ଜନ ଗହଳି ହେଉଥିବା ଦେଖିବାକୁ ମିଳୁଛି।

## ବିଏସ୍ଏନ୍ଏଲ୍ ସେବା ବ୍ୟାଘାତ, ଗ୍ରାହକ ଅସନ୍ତୁଷ୍ଟ

ଭଞ୍ଜନଗର, ୧୪।୬(ସମିସ): ବର୍ତ୍ତମାନ ସୋସିଆଲ ମିଡ଼ିଆର ଯୁଗ। ତେଣୁ ସମସ୍ତ କାର୍ଯ୍ୟରେ ବିଭିନ୍ନ ନେଟୱାର୍କର ବ୍ୟବହାର ବହୁଳ ଭାବରେ କରାଯାଉଛି। ଯେପରି ଖୁବ କମ ସମୟରେ ଗ୍ରାହକମାନେ ଉପକୃତ ହୋଇପାରିବେ ସେଥିପ୍ରତି ବିଭିନ୍ନ କମ୍ପାନୀ ମଧ୍ୟରେ ଅଫରକୁ ନେଇ ପ୍ରତିଦ୍ୱନ୍ଦିତା ଲାଗି ରହିଛି। ଅନ୍ୟାନ୍ୟ ଘରୋଇ ନେଟୱାର୍କ ମଧ୍ୟରେ ଭାରତୀୟ ଦୂର ସଞ୍ଚାର ନିଗମ ଲିମିଟେଡ଼ ରହିଛି। ଆଜି ବି ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳରେ ଏହାର ଅନେକ ଗ୍ରାହକ ଏହି ସେବାକୁ ଭରସା କରି ଉପଭୋଗ କରି ଆସୁଛନ୍ତି। ହେଲେ ଗତ ଦୁଇ ଦିନ ହେଲା ଭଞ୍ଜନଗର ଅଞ୍ଚଳରେ ବିଏସଏନଏଲ ସେବା ସମ୍ପୂର୍ଣ୍ଣ ବ୍ୟାହତ ରହିବା କାରଣରୁ ବହୁ ଗ୍ରାହକ ଅନ୍ୟମାନଙ୍କ ସହ ବିଭିନ୍ନ ଜରୁରୀ କାମରେ ଯୋଗାଯୋଗ କରି ନ ପାରି ହଇରାଣ ହରକତ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ସନ୍ଧ୍ୟାରେ ଏହି ସେବା ସ୍ୱାଭାବିକ ହୋଇଥିଲା। ଅନେକ ସମୟରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, ୧୪।୬(ସମିସ): ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏ ଅବସରରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଇ. ଶିବ ପ୍ରସାଦ ରାଓଙ୍କ ଅଧ୍ୟକ୍ଷତା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ବିଭିନ୍ନ ସମସ୍ୟା ଓ ଦାବୀ ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା କରିବା ସହ ତାହାକୁ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଡି. ସନ୍ତୋଷ କୁମାର, କୋଷାଧ୍ୟକ୍ଷ ଡିଏଲ. ନାରାୟଣ, ସଦସ୍ୟ କେ. ରବି, ସ୍ୱରାଜ ସୁବୁଦ୍ଧି ଓ ରମେଶ ପାତ୍ରଙ୍କ ସମେତ ଅନ୍ୟାନ୍ୟ ମାନେ ଉପସ୍ଥିତ ଥିଲେ।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ବୁଗୁଡ଼ା, ୧୪।୬(ସମିସ): ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର, ତାହା ପୁଣି ଲଟାବୁଦାରେ ପରିପୂର୍ଣ୍ଣ, ଯାହା ହାତ ଠାରି ଡାକୁଛି ବିପଦକୁ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ନଗୁଡୁ ଗାଁ ଖଦାଳ ସାହି ରାସ୍ତା କଡରେ। ଗାଁର ପାଣି ପମ୍ପ ଘର ନିକଟସ୍ଥ ରାସ୍ତା କଡରେ ଥିବା ଏହି ଲଟାବୁଦା ଘେରା ଟ୍ରାନ୍ସଫର୍ମର ଯୋଗୁଁ ବର୍ଷା ହେଲେ ଗଛରେ ବିଦ୍ୟୁତ ପ୍ରବାହ ହେଉଛି। ସେହି ପାଖ ଦେଇ ଗାଇଗୋରୁ ଏବଂ ଲୋକେ ଯାତାୟତ ହେଉଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ଯିବ ସେନେଇ ଗ୍ରାମବାସୀ ଆଶଙ୍କାରେ ରହିଆସୁଥିବା ବେଳେ ଶୁକ୍ରବାର ହଳେ ଗାଈ ବିଦ୍ୟୁତ ଆଘାତରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନେକ ସ୍ଥାନରେ ବିଦ୍ୟୁତ ଅଘଟଣପରେ ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ପ୍ରତି ଯତ୍ନବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥି ପ୍ରତି ଆଦୌ ଦୃଷ୍ଟି ଦେଉ ନଥବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ବିଭାଗୀୟ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।



# ଛାତ୍ରବୃତ୍ତି ପାଇବେ କୁନି ନୃତ୍ୟଶିଳ୍ପୀ ଆଦ୍ୟାଶା ପ୍ରିୟଦର୍ଶିନୀ





ବ୍ରହ୍ମପୁର, ୧୪।୬(ସମିସ): ସ୍ଥାନୀୟ ଓଡ଼ିଶୀ ନୃତ୍ୟାୟନର କୁନି ନୃତ୍ୟଶିଳ୍ପୀ ଆଦ୍ୟାଶା ପ୍ରିୟଦର୍ଶିନୀ ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଣ୍ଟର ଫର କାଲଚୁରାଲ ରିସୋରସେସ ଆଣ୍ଡ ଟ୍ରେନିଂ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ଓଡ଼ିଶୀ ନୃତ୍ୟ ବିଭାଗରେ ସେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ସେ କୃତିତ୍ୱ ହାସଲ କରିଥିବା ଜଣାପଡ଼ିଛି। ଆଦ୍ୟାଶା ଓଡ଼ିଶୀ ନୃତ୍ୟଗୁରୁ ଶିବରାମ ବାରିକଙ୍କଠାରୁ ଶିକ୍ଷାଦାନ ନେଉଥିଲେ। ଏନେଇ ଶ୍ରୀ ବାରିକ କହିଛନ୍ତି ଯେ, ଆଦ୍ୟାଶା ସର୍ବଭାରତୀୟ ସ୍ତରର ଏହି ପ୍ରତିଯୋଗିତାରେ କୃତି ହୋଇଛନ୍ତି। ଏହା ସମଗ୍ର ଗଞ୍ଜାମ ଲାଗି ଗୌରବର ବିଷୟ। ପୂର୍ବରୁ ଏହି ଅନୁଷ୍ଠାନର ଛାତ୍ରୀ ସମୀକ୍ଷା ମହାନ୍ତି ମଧ୍ୟ ଛାତ୍ରବୃତ୍ତି ପାଇଥିଲେ।

# ପାଣି ପାଇଁ ରାସ୍ତାରୋକ: ସୁଧୁରୁନି ସମସ୍ୟା



ଫୁଲବାଣୀ, ୧୪।୬(ସମିସ): ଫୁଲବାଣୀ ପୌର ପରିଷଦରେ ପୃଥକ ପୃଥକ ସ୍ଥାନରେ ରାସ୍ତାରୋକ ହୋଇଛି। ସକାଳେ ଅରବିନ୍ଦ ନଗର ସାଲୁଆ ବଣ ସାହି ଓ ସନ୍ଧ୍ୟାରେ ଶଗଡ଼ିଆ ସାହିରେ ପାନୀୟ ଜଳ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସମାଧାନ ହେଉ ନ ଥିବାରୁ ଲୋକେ ରାସ୍ତାରୋକ କରିଥିଲେ। ଫୁଲବାଣୀ ପୌର ପରିଷଦର ଏଫ୍‌ସିଆଇଛକ ଏବଂ ଶଗଡ଼ି ସାହିରେ ମୃତ୍ତିକା ସଂରକ୍ଷଣ ଅଫିସ ସାମ୍ନା ନିକଟସ୍ଥ ଫୁଲବାଣୀ-ବୌଦ୍ଧ - ଭୁବନେଶ୍ୱର ମୁଖ୍ୟରାସ୍ତା ୧୫୭ ନମ୍ବର ଜାତୀୟ ରାଜପଥକୁ ଉତ୍ତ୍ୟକ ଲୋକେ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ବହୁ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୁଇ ନଂ ୱାର୍ଡବାସୀ ବହୁ ଦିନ ହେଲା ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ପୌର ପରିଷଦ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଲା ପରେ ବି ସମାଧାନ ହୋଇନାହିଁ। ଗ୍ରାମବାସୀପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଲୋକେ ଦାବି କରିଥିଲେ। ଶତାଧିକ ପୁରୁଷ ଓ ମହିଳା ହାଣ୍ଡି, ବାଲଟି ରଖି ରାସ୍ତା ଅବରୋଧ କରି ରହିଛନ୍ତି। ପୌର ପରିଷଦର ଅଧ୍ୟକ୍ଷା ସ୍ମିତା ରାଣୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ, ସଦର ଥାନା ଅଧିକାରୀ ଏବଂ ପୁଲିସ ଓ ପ୍ରଶାସନିକ ଅଧିକାରୀପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ପରେ ରାସ୍ତା ଅବରୋଧ ହଟିଥିଲା।





## ବ୍ଲକ୍ ଅଧ୍ୟକ୍ଷଙ୍କ ସ୍ମୃତିସଭା



**କୁକୁଡାଖଣ୍ଡି,୧୪।୬(ସମିସ):** ଯୁଗଜ୍ୟୋତି ଯୁବ ସଂସଦ ପାଠାଗାର ପ୍ରାଙ୍ଗଣରେ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଥମେ ଦୁଇ ମିନଟ ନିରବ ପ୍ରାଥନା କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ଓକିଲ ଡି ଶଙ୍କର ରାଓ ଆଚରୀ, ରାଜେନ୍ଦ୍ର ଦଳବେହେରା, ନିତ୍ୟାନନ୍ଦ ଦଳାଇ, ଏ.ଚିନ୍ତାମଣି, ଅନୁଷ୍ଠାନର ସଭାପତି ବି. ଶିବାଜୀ ପାତ୍ର, ସମ୍ପାଦକ ସମେତ ବରିଷ୍ଠ ନାଗରିକ ସଦସ୍ୟ ଶ୍ରୀନିବାସ ରାଉଳ ଅର୍ଜୁନ ରାଉତ, ସୂର୍ଯ୍ୟ ପଟ୍ଟନାୟକ ଓ ଅନ୍ୟାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି ଦିବଙ୍ଗତ ଶ୍ରୀ ପାତ୍ରଙ୍କ ଫୋଟୋରେ ପୁଷ୍ପ ମାଲ୍ୟ ପ୍ରଦାନ କରିଛନ୍ତି।

## ପାର୍ଥସାରଥିଙ୍କ ଦର୍ଶନ କଲେ ବିଧାୟକ



**ପାତ୍ରପୁର,୧୪।୬(ସମିସ):** ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ସାରଥିଧାମରେ ଶୁକ୍ରବାର ଚିକିଟି ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପହଞ୍ଚି ପ୍ରଭୁ ସାରଥି ଗୋସାଇଁ ଓ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିବା ବେଳେ ଜରଡା ଗ୍ରାମବାସୀଙ୍କ ତରଫରୁ ନୂତନ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଜରଡା ସରପଞ୍ଚ, ସମିତିସଭ୍ୟ, ବିରିଷ୍ଟ ନେତାଙ୍କ ସମତେ ଶତାଧିକ କର୍ମୀ ମାନେ ଉପସ୍ଥିତ ଥିଲେ। ସେହିଭଳି ନୂତନ ବିଧାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଥିବା ବେଳେ ପାତ୍ରପୁର ଅଙ୍ଗନବାଡି ସଂଘ ପକ୍ଷରୁ ମଧ୍ୟ ଶୁକ୍ରବାର ବିଧାୟକଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

## ନୂତନ ବିଧାୟକଙ୍କୁ ଭବ୍ୟ ସ୍ୱାଗତ



**ଭଞ୍ଜନଗର,୧୪।୬(ସମିସ):** ଭଞ୍ଜନଗର ଶାଖା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆଜି ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ନିଜ ବାସ ଭବନରେ ସାକ୍ଷାତ କରି ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ପ୍ରଭୁ ଜଗନ୍ନାଥଙ୍କ ଫୋଟ ଚିତ୍ର ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କିଛି ସମୟ ଆଲୋଚନା ମଧ୍ୟରେ ଆଗାମୀ ଦିନରେ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ସମସ୍ୟା ଲୋକ ଲୋଚନକୁ ଆଣିବା ସହ ଏହାର ସମାଧାନରେ ସାମ୍ବାଦିକମାନେ ସହଯୋଗ କରିବା ପାଇଁ ଶ୍ରୀ ନାୟକ କହିଥିଲେ। ଏଥିରେ ୟୁଜେଏର ଜିଲ୍ଲା ସମ୍ପାଦକ ଜୟକୃଷ୍ଣ ପଟ୍ଟନାୟକ, ଭଞ୍ଜନଗର ସଭାପତି ଅମରେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ଭବାନୀ ଶଙ୍କର ପାଳ, ସମ୍ପାଦକ ରାଜେଶ ପଣ୍ଡା, ସହ ସମ୍ପାଦକ ମନୋଜ କୁମାର ଗୌଡ଼, ବ୍ଲକ ସଂଯୋଜକ ଧନଞ୍ଜୟ ପଟ୍ଟନାୟକ, ଶିବ ଶଙ୍କର ପ୍ରଧାନ, ଅନିଲ କୁମାର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

# ରଜରେ ଉତ୍ସବମୁଖର ପୁରପଲ୍ଲୀ


ଗଞ୍ଜାମ


ରମ୍ଭା

**ଗଞ୍ଜାମ,୧୪।୬(ସମିସ)**

ଆଧୁନିକତାର ପ୍ରଭାବରେ ଧିରେ ଧିରେ ସହରୀ ସଭ୍ୟତାରେ ରଜ ପର୍ବ ଫିକା ପଡୁଥିବା ଲକ୍ଷ୍ୟ କରାଯାଉଛି। ହେଲେ ଗ୍ରାମ୍ୟ ସଭ୍ୟତାରେ ବିଭିନ୍ନ ଗଛରେ ଗ୍ରାମ୍ୟ କୁମାରୀ ମାନେ ଦୋଳି ଖେଳି ଓଡିଶାର ଗଣପର୍ବ ରଜ ପର୍ବ ପାଳନ କରୁଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁରରେ ବିଭିନ୍ନ ଗଛ ମାନଙ୍କରେ ଦୋଳିଖେଳ ଖେଳାଯାଉଥିବା ଦେଖିବାକୁ ମିଳିଛି। ବିଶେଷକରି ପହିଲି ରଜ ଅବସରରେ ଗ୍ରାମ୍ୟ କୁମାରୀ ମାନେ ରଜ ଦୋଳି ଖେଳିବା ସହ ବିଭିନ୍ନ ରଜ ଦୋଳି ଗୀତ ରେ ସ୍ଥାନୀୟ ପରିବେଶ ଉତ୍ସବ ମୁଖର ହୋଇଉଠିଛି। କିଶୋରୀ ବାଳିକା ମାନେ ମିଠା ପାନ ଖାଇବା ସହ ପୋଡପିଠା ଖାଇ ରଜ ମଉଜ କରୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ବିଭିନ୍ନ ଗ୍ରାମରେ ରଜଦୋଳି ଖେଳ ଯୋଗୁଁ କୁମାରୀ ମାନେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରୁଛନ୍ତି।

**ରମ୍ଭା:** ଭୁବନେଶ୍ୱର ସ୍ଥିତ ଓଡିଶା ପର୍ଯ୍ୟଟନ ବିକାଶ ନିଗମ (ଓ. ଟି. ଡି. ସି ) ପରିସର ଭୁକ୍ତ ରମ୍ଭା ପାନ୍ଥନିବାସରେ ରାଜ୍ୟର ଗଣ ପର୍ବ ରଜ ମହୋତ୍ସବ ୩ ଦିନିଆ ପାଳନ ଉଦଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମ ରେ ରମ୍ଭା ଏନଏସି ଅଧ୍ୟକ୍ଷା ମାନସି ସ୍ୱାଇଁ, ଡିଭିଜିନାଲ ମ୍ୟାନେଜର ପ୍ରଣବ କୁମାର ଚାନ୍ଦ, ଯୁବ ଶିଳ୍ପ ଦୋଗୀ ଅନିଲ କୁମାର ସୁବୁଦ୍ଧି, ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ, ରମ୍ଭା ଏନଏସି ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ସହିତ କର୍ମରତ କର୍ମଚାରୀ ମାନେ ଉପସ୍ଥିତ ରହି ରିବନ କାଟି ୩ଦିନିଆ ଉତ୍ସବର ମାହୋଲ ଶୁଭାରମ୍ଭ ହୋଇଛି। ରାଜ୍ୟର ୧୮ଟି ଓ. ଟି. ଡି. ସି ମଧ୍ୟରେ ରମ୍ଭା ସାମିଲ ହୋଇଥିବାରୁ ରାଜ୍ୟର ପାରମ୍ପରିକ ପର୍ବ ତଥା ମହିଳା ଓ ଯୁବତୀ ମାନଙ୍କ ପାଇଁ ରଜ ଦୋଳି, ମେହେନ୍ଦି, ଅଳତା, ଓଡ଼ିଆ ସୁସ୍ୱାଦୁ ଖାଦ୍ୟକୁ ପ୍ରୋତ୍ସାହିତ କରି ଏହି ରଜ ମହୋତ୍ସବ ପାଳନ ଆରମ୍ଭ ହୋଇଛି। ତତ ସହିତ ମହିଳା ଓ ଯୁବତୀ ମାନଙ୍କ ପାଇଁ ରଜ ଦୋଳି ହୋଇଥିବା ଓ ମଜା ଉଠାଉଥିବା ଲକ୍ଷ୍ୟ କରାଯାଇଛି।


ଧରାକୋଟ


ବୁଗୁଡ଼ା

**ଧରାକୋଟ:** ଶୁକ୍ରବାର ହେଉଛି ପହିଲି ରଜ। ରଜ ପର୍ବ ପାଳନକୁ ନେଇ ଧରାକୋଟ ଚଅଞ୍ଚଳର ପୁରପଲି ବେଶ ଉତ୍ସବ ମୁଖର ହୋଇ ଉଠିଛି। ଧରାକୋଟ ବ୍ଲକ ଢଉଁଗାଁର ପନ୍ଦରା ସାହି ଓ ବଡ଼ ସାହିରେ ଶତାଧିକ ମହିଳା ମାନେ ଏକତ୍ରିତ ହୋଇ ରଜ ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି। ସେହିଭଳି ଧରାକୋଟର ଧରାକୋଟ, ମୁଣ୍ଡମରାଇ, ଚାରିଛକ, ଦଶମାଇଲି, ଯାହାଡ଼ା ବିଭିନ୍ନ ଅଞ୍ଚଳରେ କିଏ ଘରେ ତ ଆଉ କିଏ ତୋଟାରେ ଦୋଳି ଖେଳି ରଜ ପର୍ବ ପାଳନ କରୁଛନ୍ତି। ଢଉଁଗାଁ ପଞ୍ଚାୟତର ମହିଳା ମାନେ ପହିଲି ରଜ ପାଳନ କରୁଥିବା ବେଳେ ସମସ୍ତେ ଆନନ୍ଦ ଉଲ୍ଲାସ ସହ ପରସ୍ପରକୁ ମିଠା, ପୋଡପିଠା ଓ ପାନ ଖୁଆଇ ନିଆରା ଢଙ୍ଗରେ ପରମ୍ପରା ମୁତାବକ ରଜ ପର୍ବ ପାଳନ କରୁଥିବା ପାଳନ ଦେଖାଯାଇଛି।

**ବୁଗୁଡ଼ା:** ରଜପର୍ବର ପହିଲି ଦିବସରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଏ ଅବସରରେ ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତା ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥିଙ୍କ ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି । ଏଥି ସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି।

**ଛତ୍ରପୁର:** ରଜ ତିନିଦିନକୁ ସମସ୍ତେ ପିଠାପଣା, ଖେଳ କସରତ, ବୁଲାବୁଲି ଓ ଦୋଳି ଖେଳି ବେଶ ଯାକଜକମକରେ ପାଳନ କରିଥାନ୍ତି। ଗାଁ ଗାଁରେ କାହିଁକି ସହରରେ ମଧ୍ୟ ରଜ ମଉଜ ସମସ୍ତଙ୍କୁ ବିମୋହିତ କରିଥାଏ। ପିଲାଠୁ ବୟସ୍କ ପର୍ଯ୍ୟନ୍ତ ପରିବାରର ସମସ୍ତେ ରଜ ଉତ୍ସବରେ ସାମିଲ ହୁଅନ୍ତି। ବିଶେଷ କରି ଝିଅ ମାନେ ଏହି ତିନି ଦିନ ସଜ ହୋଇ ଦୋଳି ଖେଳି, ଝୁଟି ପକାଇ, ହାତରେ ମେହେନ୍ଦି ଲଗାଇ ଏହି ପର୍ବକୁ ବେଶ ଆଡମ୍ବର ସହକାରେ ପାଳନ କରିଥାନ୍ତି। ସବୁଠି ଦୋଳି ଖେଳ ହୁଏ। ପିଠାପଣା ସହିତ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଆୟୋଜନ ହୋଇଥାଏ। କେବଳ ଖେଳ ନୁହେଁ, ନାଚ ଗୀତର ଆଶର ମଧ୍ୟ ଜମିଥାଏ। ଏହି ତିନିଦିନ ଦୋଳି ଖେଳ ହେବା ସହ ଲୁଡୁ ଖେଳ, ଚେସ୍ ଖେଳ, କ୍ୟାରେମ ଖେଳ ଇତ୍ୟାଦି ଘରେ ଘରେ ହୋଇଥାଏ। ଚଳିତ ବର୍ଷ ବଡ଼ ଧୁମଧାମରେ ପାଳନ କରାଯାଉଛି ରଜ ପର୍ବ। ଏହି ପରିପ୍ରେକ୍ଷୀରେ ଛତ୍ରପୁର ସହରର ବିଭିନ୍ନ ସାହିରେ ଘରେ ଘରେ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଝିଅ ପୁଅ ମାନେ ନିଜ ନିଜ ଘରେ ଦୋଳି ଖେଳି ରଜ ମନାଇଥିବା ଦେଖିବାକୁ ମିଳିଛି। ଏହା ସହିତ ସାମୂହିକ ଭାବେ ମଧ୍ୟ ଦୋଳି ଖେଳି ରଜ ପର୍ବ ପାଳନ କରିଛନ୍ତି।

## ବୋଲେରୋ-ବାଇକ୍ ମୁହାଁମୁହିଁ,୨ ଗୁରୁତର

**ପାତ୍ରପୁର,୧୪।୬(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ନୂଆପେଣ୍ଠଛକ ନିକଟରେ ଶୁକ୍ରବାର ବାଇକ୍ ବୋଲେରୋ ମୁହାଁମୁହିଁ ଦୁର୍ଘଟଣା ହୋଇଥିବାବେଳେ ୨ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପାତ୍ରପୁର ବ୍ଲକ ତିତିଗାଁ ଗ୍ରାମର ସୁଶାନ୍ତ ସାହୁ ଓ ଲିଲୁ ବାଡତ୍ୟା କୌଣସି କାମରେ ପାତ୍ରପୁର ଯାଇଥିବାବେଳେ କାମ ସାରି ଗ୍ରାମକୁ ଫେରିବା ସମୟରେ ନୂଆପେଣ୍ଠ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋକୁ ଧକ୍କା ଦେଇଥିବାବେଳେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସୁଶାନ୍ତଙ୍କ ଗୋଡ ଭାଙ୍ଗିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

ଆମ୍ବପୁର ପ୍ରିମିୟର ଲିଗ୍

## ସୁପର୍ କିଙ୍ଗ୍‌ସକୁ ହରାଇଲା ରୟାଲସ୍



**ପାତ୍ରପୁର,୧୪।୬(ସମିସ):** ଶୁକ୍ରବାର ଆମ୍ବପୁର ପ୍ରିମିୟର ଲିଗ୍‌ର ୮ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷକ ନେତା ନିଶାମଣି ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଆୟୋଜକ ବୃନ୍ଦାବନ ପ୍ରଧାନ ଚେଷ୍ଟାରେ ସମ୍ପୂର୍ଣ୍ଣ ଆଇପିଏଲ୍ ଢାଞ୍ଚାରେ ଏହି ଟୁର୍ଣ୍ଣାମେଣ୍ଟ କରାଯାଉଥିବାବେଳେ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅତିଥିଙ୍କ ଦ୍ୱାରା ଜର୍ସି ଉନ୍ମୋଚନ କରାଯାଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ଆମ୍ବପୁର ରୟାଲସ୍ ଓ ଆମ୍ବପୁର ସୁପର କିଙ୍ଗ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆମ୍ବପୁର ରୟାଲସ୍ ୧୦ ଓଭରରେ ୧୧୮ ରନ ସଂଗ୍ରହ କରିଥିବା ବେଳେ ଆମ୍ବପୁର ସୁପର କିଙ୍ଗ୍ ୧୦ଓଭର ୭ ୱିକେଟ୍ ହରାଇ ମାତ୍ର ୮୮ କରିପାରିଥିଲେ। ସୁଜିତ୍ ଓ ରମେଶ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମାଲେଶ୍ୱ, ସୌମ୍ୟ, ଜୀବନ, ରାକେଶ, ନେତାଜିଙ୍କ ସମେତ ଗ୍ରାମବାସୀ ଯୁବ ଗୋଷ୍ଠୀ ସହଯୋଗ କରିଛନ୍ତି।

## ଦୟାପଲ୍ଲୀରେ ଶୀତଳଷଷ୍ଠୀ ଯାତ୍ରା



**କୁକୁଡ଼ାଖଣ୍ଡି,୧୪।୬(ସମିସ):** ଦେବଦମ୍ପତିଙ୍କ ବିବାହ ପାଇଁ ଦୟାପଲ୍ଲୀ ଗାଁ ଉତ୍ସବମୁଖର ହୋଇଛି। ଦୟାପଲ୍ଲୀ ଗ୍ରାମବାସୀଙ୍କ ତରଫରୁ ସାର୍ବଜନୀନ ଶୀତଳଷଷ୍ଠୀ ସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କର ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ସେହିପରି ପରମ୍ପରା ଓ ବୈଦିକ ରୀତିରେ ଉଭୟ ଶିବଶକ୍ତିଙ୍କର ହରିଦ୍ରଲେପନ ଏବଂ ତାପରେ ଭବ୍ୟ ଶୋଭାଯାତ୍ରାରେ ସଙ୍କୀର୍ତ୍ତନ, ଘଣ୍ଟ, ଶଙ୍ଖ ସହ ବୈଦିକ ମନ୍ତ୍ରରେ ସାରା ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। କନ୍ୟା ମାତାପିତା ଭାବରେ ରାଉଳ ପରିବାର କନ୍ୟାଦାନ କରିଥିବା ବେଳେ ବର ପିତାମାତା ଭାବରେ ବ୍ରାହ୍ମଣମାନେ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିନରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀ ସୁସଜ୍ଜିତ ପାଲିଙ୍କିରେ ବସାଇ ବାଦ୍ୟ ବାଜଣା ଓ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ତୃତୀୟ ଦିବସରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର ନାଟକ ମଞ୍ଚସ୍ଥ ହେଇଥିଲା ସେହିଁ ସନ୍ଧ୍ୟାରେ ଅଣ୍ଡିରାସିଂହ ସହ ସିଙ୍ଗାପୁର ଗାଁର "ସୁନା ପୁଅ ପାଇଁ ଝୁରେ ଅଯୋଧ୍ୟା' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ବାଲୁଙ୍କେଶ୍ୱର ସେବା ସଂଘ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ବିଶ୍ୱ ରକ୍ତଦାତା ଦିବସ ପାଳିତ

## ୭ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



**ଭଞ୍ଜନଗର,୧୪।୬(ସମିସ):** ଶୁକ୍ରବାର ହେଉଛି ବିଶ୍ୱ ରକ୍ତଦାତା ଦିବସ। ରକ୍ତଦାନ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ଘୋଷଣା କରିଛି। ୨୦୦୪ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଥିବା ବେଳେ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସୁରକ୍ଷିତ ରକ୍ତ ଦାନର ଆବଶ୍ୟକତା ବିଷୟରେ ସଚେତନତା ସହ ପ୍ରୋତ୍ସାହନ ସୃଷ୍ଟି କରିବା। ନୋବେଲ୍ ପୁରସ୍କାର ବିଜେତା କାର୍ଲ ଲ୍ୟାଣ୍ଡଷ୍ଟାଇନ୍‌ଙ୍କ ଜନ୍ମଦିନକୁ ବିଶ୍ୱସ୍ତରରେ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ଓଡ଼ିଶା ରକ୍ତଭଣ୍ଡାର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ନାୟକ, ସମ୍ମାନିତ ଅତିଥି ରୂପେ ମେଡିକାଲ ଅଧିକ୍ଷକ ସୀତାଂଶୁ ଶେଖର ଶତପଥୀ, ଭେଷଜ ବିଭାଗ ଡାକ୍ତର ପ୍ରଣବାନନ୍ଦ ପାତ୍ର, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ସାମ୍ବାଦିକ ଲୋକନାଥ କର, ବିଶ୍ୱମ୍ବର ଜେନା, ଜୟକୃଷ୍ଣ ପଟ୍ଟନାୟକ ଅରକ୍ଷିତ ପରିଚ୍ଛା ନିଜର ମତାମତ ଦେଇଥିଲେ। ଶୂଳପାଣି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସକାଳ'ର ଭଞ୍ଜନଗର ପ୍ରତିନିଧି ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ପି. ବାଲାଜି ସୁବୁଦ୍ଧି, ସରୋଜ କୁମାର ପ୍ରଧାନ, ବାବୁଲା ଗୌଡ଼, ବିପଦର ବନ୍ଧୁ ସଙ୍ଗଠନର ବିବେକାନନ୍ଦ ମହାପାତ୍ର, ଦିଲୀପ କୁମାର ପ୍ରଧାନ ଓ ଦେବବ୍ରତ ନାୟକ ଏହି ୭ଜଣ ନିୟମିତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଓଡ଼ିଶା ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ରକ୍ତ ଭଣ୍ଡାର ର ବିପିନ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ମେଡିକାଲ କର୍ମଚାରୀ, ରକ୍ତଦାତା, ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସ ପାଳିତ

**ଆସିକା,୧୩।୬(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଜୁନ ୧୪ ତାରିଖରେ ପାଳିତ ହୋଇଛି ବିଶ୍ୱ ରକ୍ତଦାତା ଦିବସ। ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ରକ୍ତ ଦାନ ଦିବସ ପାଳିତ ହୋଇଥିଲା। ମେଡିକାଲ୍ ସୁପରିଡେଣ୍ଟ ଡାକ୍ତର ବାଲ ଗୋପାଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ସାମନ୍ତରାୟ, ମେଡିସିନ ସ୍ପେସାଲିଷ୍ଟ ଡାକ୍ତରପି ଶ୍ୟାମ ସୁନ୍ଦର, ଡାକ୍ତର ଆଦିତ୍ୟ ପଟ୍ଟନାୟକ, ପ୍ରିୟଙ୍କା ମହାନ୍ତି, ସୁଚିତ୍ରା ଶତପଥୀ, ଫାର୍ମାସିଷ୍ଟ ଅଫିସର ପି. କେଦାରନାଥ ପାତ୍ର, ରିନା କୁମାରୀ ପ୍ରଧାନ, ନର୍ସିଂ ଅଫିସର ମିତାଲି ମହାନ୍ତି, କାଳୀଚରଣ ସେଠୀ, ସୁନନ୍ଦା ପ୍ରଧାନ, ଦୀପକ କୁମାର ସାହୁ, ଅମିତ୍ କୁମାର ଦାସ, ଅଜିତ କୁମାର ପ୍ରଧାନ, ଜଗନ୍ନାଥ ମିଶ୍ର, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।




## ରଜ ପାଇଁ ଚଳଚଞ୍ଚଳ କବିସୂର୍ଯ୍ୟନଗର



**କବିସୂର୍ଯ୍ୟନଗର,୧୪।୬(ସମିସ):** ଶୁକ୍ରବାର ପହିଲି ରଜ। ରଜ ପାଇଁ ଝିଅ ମାନେ ସଜବାଜ ହୋଇ ନୂଆ ବସ୍ତ୍ର ପିନ୍ଧି ପାନ ଖାଇ ଦୋଳି ଖେଳିବାର ପରମ୍ପରା ରହିଛି। ସମସ୍ତଙ୍କୁ ଆକୃଷ୍ଟ କରିଥାଏ ମିଠା ରଜ ପାନ। ରଜ ଆସିଲେ ଚଳଚଞ୍ଚଳ ହୋଇ ଉଠେ ବଜାର, ପାନ ଦୋକାନ, ହୋଟେଲ। ସବୁଠି ଗ୍ରାହକଙ୍କ ଭିଡ ଲାଗିଥାଏ। ପିଲାଠୁ ବଡ ସମସ୍ତଙ୍କ ପସନ୍ଦ ରହିଥାଏ ରଜପାନ ତା ସହିତ ଘରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ। ଆଜି କବିସୂର୍ଯ୍ୟନଗର ମେଡିକାଲ କଲୋନୀ ସୁବାସ ରେଡ଼ିଙ୍କ ଘର ସମ୍ମୁଖରେ ରଜପାଇଁ ଝିଅଙ୍କ ଭିଡ଼ ବେଶ ଜମିଥିଲା। ରଜ ପାନ ଖାଇବା ସହ ପିଠାପଣା ମଜା ନିଆରା ଅନୁଭୂତି ଥିଲା ତା ସହ ରଜଦୋଳି, ବସାପୁଚି, ଠିଆପୁଚି ଖେଳ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଶୁଭ୍ରଜ୍ୟୋତି ଶିଳ୍ପା, ବସୁମତୀ ରେଡି, ପଲ୍ଲବିତା ରେଡି, ବେଦମତି ରେଡି, ଜେଲସି ରେଡି, କେଦାର ରେଡି, ପ୍ରତୀକ୍ଷା ପଳତା ଆଦି ଅଂଶଗ୍ରହଣ କରିଥିଲେ।

### ପହିଲି ରଜରେ ଜି. ଉଦୟଗିରିରେ ଗଜ

# କଦଳୀ ବଗିଚା ନଷ୍ଟ, ଲୋକେ ଭୟଭୀତ





**ଜି.ଉଦୟଗିରି, ୧୪।୬(ସମିସ)**

ରଜର ସେହି ଜଣାଶୁଣା ଲୋକ ଗୀତ' ବନସ୍ତେ ଡାକିଲା ଗଜ..... ବରଷକେ ଥରେ ଆସିଛି ରଜ'। ଆଜି ବି ଗାଁ ଗହଳି ରେ ଶୁଭୁଥିବା ବେଳେ ରଜ ସହିତ ଗଜର ସମ୍ପର୍କ ଯେମିତି ନିଆରା। ରଜ ସମୟର ଆମ୍ବ, ପଣସର ବାସ୍ନା ଯୋମିତି କି ଗଜ କୁ ନିମନ୍ତ୍ରଣ କରିଥାଏ। ଆଉ ସେହି ନିମନ୍ତ୍ରଣ ରକ୍ଷା କରି ପ୍ରତିବର୍ଷ ଏହି ସମୟ ଗଜରାଜଙ୍କ କନ୍ଧମାଳ ଆଗମନ ହେଉଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ଏହି ସମୟରେ ଗଜରାଜଙ୍କ ଆଗମନ ହୋଇଛି। ୨୫ ଦିନ ଧରି ଗ୍ରାମାଞ୍ଚଳରେ ଉପଦ୍ରବ କରିବା ପରେ ପହିଲି ରଜରେ ସହରରେ ପହଞ୍ଚିଛନ୍ତି ଗଜରାଜଙ୍କ ଦଳ। ଜି.ଉଦୟଗିରି ଏନଏସିର ପଦାସାହି, ଦୁଗୁଡି, ପିଡିକାମାହା, ପଣସବାଙ୍କରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ସବୁ ଅଞ୍ଚଳରେ ଥିବା କଦଳୀ ବଗିଚାକୁ ଛାରଖାର କରିବା ସହିତ ଦଳି ଚକଟି ନଷ୍ଟ କରିଛନ୍ତି। ପଦାସାହିର ପ୍ରଦୀପ କୁମାର ନାୟକ, ମହାପତି ପ୍ରଧାନଙ୍କ କଦଳୀ ବଗିଚା ନଷ୍ଟ ହୋଇଥିବା ବେଳେ ସିମନ ପ୍ରଧାନଙ୍କ ପଣସ, ରତନା ପ୍ରଧାନଙ୍କ ହଳଦୀ ନଷ୍ଟ ହୋଇଥିବା କହିଛନ୍ତି। କଦଳୀ ବଗିଚା କରି ପରିବାର ପ୍ରତିପୋଷଣ କରୁଥିବା ଏହି ଚାଷୀଙ୍କ ଅନ୍ୟ କିଛି ରୋଜଗାର ନ ଥିବା ବେଳେ ଏବେ ବଗିଚା ନଷ୍ଟ ହେବାକୁ ନେଇ ଚିନ୍ତା ବଢ଼ାଇ ଦେଇଛି। ସରକାର ସହାୟତା କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଜି. ଉଦୟଗିରି କଳିଙ୍ଗା ମଝି ପଣସବାଙ୍କରେ ହାତୀପଲଙ୍କ ଯାତାୟାତ ସାଧାରଣ ଯାତ୍ରୀଙ୍କୁ ଭୟଭୀତ କରିଛି। ଗତ ବର୍ଷ ମଧ ଏହି ରାସ୍ତାରେ ହାତୀ ଯାତାୟାତ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥିବା ବେଳେ ଚଳିତ ବର୍ଷ ମଧ ପ୍ରଭାବିତ କରିଛି। ଜି. ଉଦୟଗିରି ସହରରୁ ଦୈନିକ ସକାଳୁ, ସନ୍ଧ୍ୟାରେ ପଦଚାରଣ କରିବାକୁ ଯାଉଥିବା ଲୋକେ ଭୟରେ ଯାଉ ନ ଥିବା କହିଛନ୍ତି। ବନ ବିଭାଗ ତରଫରୁ ସାଧାରଣରେ ସଚେତନ କରାଯାଉଥିବା ବେଳେ ଗତିବିଧି ଉପରେ କଡା ନଜର ରଖିଥିବା କୁହାଯାଇଛି।

### ● ଜମ୍ମୁକାଶ୍ମୀରରେ ତୀର୍ଥଯାତ୍ରୀଙ୍କ ଉପରେ ଆକ୍ରମଣକୁ ନିନ୍ଦା

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ସ୍ମାରକପତ୍ର



**ପାରଳାଖେମୁଣ୍ଡି, ୧୪।୬(ସମିସ):** ଜମ୍ମୁକାଶ୍ମୀରରେ ତୀର୍ଥଯାତ୍ରୀଙ୍କ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କୁ କଠୋରରୁ କୋଠର ଦଣ୍ଡ ବିଧାନ କରିବା ଉଦ୍ଦେଶ୍ୟରେ ଗଜପତି ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଚଳିତ ମାସ ୯ ତାରିଖରେ ଜମ୍ମୁକାଶ୍ମୀର ଏକ ତୀର୍ଥଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଘାଟି ତଳକୁ ଖସିପଡ଼ିଥିଲା। ଏଥିରେ ୧୦ଜଣ ତୀର୍ଥ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହିଭଳି ଅମାନୁଷିକ ଓ ବର୍ବରତାପୂର୍ଣ୍ଣ କାର୍ଯ୍ୟକୁ ବିରୋଧ କରି ଗଜପତି ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଲୋକନାଥ ମିଶ୍ରଙ୍କ ନେତୃତ୍ୱରେ ଏକ ଦଳ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ନଗର ସଭାପତି କୈଳାସଚନ୍ଦ୍ର ପଟ୍ଟନାୟକ, ହରିମୋହନ ପଟ୍ଟନାୟକ, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ରଞ୍ଜନ ଦାସ, ରବିନ କୁମାର ସାହୁକାର, ଚନ୍ଦ୍ର ଦାସ ଓ ନୃସିଂହାନନ୍ଦ ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଷାକ୍ତ ସାପ କାମୁଡ଼ାରେ ମହିଳା ମୃତ

**ମୋହନା, ୧୪।୬(ସମିସ):** ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ବୁଡ଼ାଗାଁ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୁଡ଼ାଗାଁର ରତ୍ନାକର ମାଝୀଙ୍କ ସ୍ତ୍ରୀ କୁନ୍ତଳା ମାଝୀ। ସୂଚନା ପ୍ରକାରେ କୁନ୍ତଳାରତ ଶୁକ୍ରବାର ରାତିରେ ଘରେ ଶୋଇଥିବା ବେଳେ ଭୋର ସମୟରେ ତାଙ୍କୁ ବିଷାକ୍ତ ସର୍ପ ଦଂଶନ କରିଥିଲା। ପରିବାର ଲୋକେ ଗୁରୁତର କୁନ୍ତଳାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ ଗତ ଏକ ସପ୍ତାହର ଚିକିତ୍ସା ପରେ ଶୁକ୍ରବାର ଦିନ ୨.୩୦ସମୟରେ କୁନ୍ତଳାଙ୍କୁ ମୃତ ଘୋଷଣା କରାଯାଇଛି। ମୃତକଙ୍କ ପରିବାରଙ୍କୁ କ୍ଷତି ପୂରଣ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ବିଶ୍ୱ ରକ୍ତଦାତା ଦିବସ ପାଳନ

**ପାରଳାଖେମୁଣ୍ଡି, ୧୪।୬(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶଳା ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ଏଥିରେ ବାଘଶଳା, ବାପୁଜୀପେଣ୍ଟ, ଯୁବରାଜପୁର, କାମଧେନୁ ସହ ଆଖପାଖ ଗ୍ରାମର ଗ୍ରାମବାସୀ ବିଶେଷକରି ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଆୟୁଷ ମେଡିକାଲ ଅଫିସର ଡା.ରଜତ କୁମାର ସେଠୀ, ଏଏନ୍ଏମ୍ କୁମୁଦିନି ଜେନା, ସରିତା ନାୟକ, କେ.ଉଷାରାଣୀ ଓ ଫାର୍ମାସିଷ୍ଟ କେ. ସରସ୍ୱତୀ ଯୋଗ ଦେଇ ବିଶ୍ୱ ରକ୍ତଦାତା



ଦିବସର ଲକ୍ଷ୍ୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। କେଉଁ ବ୍ୟକ୍ତି ରକ୍ତ ଦେଇପାରିବେ ଏବଂ ରକ୍ତ ଦେଇ ପାରିବେନି ସେନେଇ ବିସ୍ତୃତ ଭାବେ କୁହାଯାଇଥିଲା। ରକ୍ତଦାତାଙ୍କୁ ୧୮ରୁ ୬୫ ବୟସ ହୋଇଥିବ, ରକ୍ତ ଚାପ ୧୨୦/୮୦ ରହିବା, ହିମୋଗ୍ଲବିନ୍ ୧୨.୫ରୁ ଅଧିକା ରହିଥିବ, ଏଚ୍ଆଇଭି, କ୍ରୋନିକ୍ ରୋଗ ନ ଥିବ ଓ ଶରୀର ତାପମାନ ସନ୍ତୁଳିତ ରହିଥବା ବ୍ୟକ୍ତିବିଶେଷ ରକ୍ତଦାନ କରିପାରିବେ ବୋଲି ଆଲୋଚନା ହୋଇଥିଲା। ଜଣେ ରକ୍ତଦାତାଙ୍କ ରକ୍ତ ଦାନରେ ଅନ୍ୟ ଜଣକର ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ। ତେଣୁ ବିଶେଷ କରି ଯୁବଗୋଷ୍ଠୀ ରକ୍ତ ଦାନ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ବାଘଶଳା ଗ୍ରାମର ଯୁବ ସମାଜସେବୀ ଚନ୍ଦ୍ର ଶେଖର ପ୍ରଧାନ ଏହି ଅବସରରେ କହିଥିଲେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ବହୁ ସଂଖ୍ୟକ ଯୁବ ଗୋଷ୍ଠୀ ସ୍ୱଇଚ୍ଛାରେ ଆଗାମୀ ଦିନରେ ରକ୍ତ ଦାନ କରିବା ପାଇଁ ସମ୍ମତି ପ୍ରକାଶ କରିବା ସହ ପଞ୍ଜୀକରଣ କରାଇଥିଲେ। ଶେଷରେ ଡା.ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କାମ୍ପଗୁଡ଼ାରେ ରଜ ଉତ୍ସବ

**ମୋହନା, ୧୪।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ପାଇଁ ଉତ୍ସବମୁଖର ହୋଇଛି ଗାଁ ଠାରୁ ସହର। ଗାଁରେ କୁଆଁରୀ ଝିଅ ମାନେ ହାତରେ ମେହେନ୍ଦି, ପାଦରେ ଅଳତା ଲଗାଇ ନୂଆ ବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରୁଛନ୍ତି। ଗଜପତି ଜିଲ୍ଲା ମୋହନା ବ୍ଲକ କାମ୍ପଗୁଡାରେ ମଧ୍ୟ ଧୁମ୍ ଧାମରେ ପାଳନ ହୋଇଛି ରଜ ଉତ୍ସବ। ଗାଁର ସମସ୍ତ କୁଆଁରି ଝିଅ ଘରେ ଲିପାପୋଛା ସହ ଘରକୁ ସୁନ୍ଦର ଭାବେ ସଜେଇଛନ୍ତି। ଏଥିସହ ଗାଁ ମୁଣ୍ଡରେ ଥିବା ଏକ ଗଛରେ ରଜ ଦୋଳି ବାନ୍ଧିଛନ୍ତି। ପାରମ୍ପରିକ ରୀତିରେ ପୁରୋହିତଙ୍କ ଦ୍ୱାରା ଦୋଳି ପୂଜା କରିଥିଲେ। ଏହାପରେ ଖୁସି ମନରେ ଦୋଳି ଖେଳୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପହିଲି ରଜ ହୋଇଥିବା ବେଳେ ସମସ୍ତଙ୍କ ଘରେ ପିଠାପଣା ହୋଇଛି। ଶନିବାର ରଜ ସଂକ୍ରାନ୍ତି ଓ ରବିବାର ଦିନ ଗାଁରେ ଭୋଜି ଭାତର ଆସର ସହ ନାଚଗୀତର ଆୟୋଜନ ହେବ ବୋଲି ଗ୍ରାମବାସୀକହିଛନ୍ତି।



### ୫୦ କେଜି ଗଞ୍ଜେଇ ଜବତ

# ଦାମୀ କାର୍ ସହ ୩ ମାଫିଆ ଗିରଫ



**ବାଲିଗୁଡା, ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଲଣ୍ଡାଗାଁ ଅଞ୍ଚଳରୁ ବାଲିଗୁଡା ଅବକାରୀ ବିଭାଗ ୫୦ କେଜି ବେଆଇନ ଗଞ୍ଜେଇ ଜବତ କରିଛି। ସୂଚନା ଅନୁସାରେ ଅବକାରୀ ଅଧୀକ୍ଷକ ଝାସକେତନ୍ ବାରିହାଙ୍କ ନିର୍ଦ୍ଦେଶ ଅନୁସାରେ ବାଲିଗୁଡ଼ା ଅବକାରୀ ନିରୀକ୍ଷକ ରାମଜୀ ପଟେଲ ଓ ଉପ ନିରୀକ୍ଷକ ସୁମିତ୍ରା ଦଳେଇଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲାରୁ ରାଜ୍ୟ ବାହାରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ବାଲିଗୁଡ଼ା ବ୍ଲକ ଲଣ୍ଡାଗାଁ ପଞ୍ଚାୟତ ଅଞ୍ଚଳରେ ଚଢଉ କରାଯାଇଥିଲା। ଘଟଣା ସ୍ଥଳରୁ ୫୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏସମ୍ପର୍କରେ ବାହାର ରାଜ୍ୟର ୩ ଜଣ ଗଞ୍ଜେଇ ମାଫିଆ ଓ ଏକ ଦାମୀ କାରକୁ ଜବତ୍ କରିବାରେ ଅବକାରୀ ବିଭାଗ ସଫଳ ହୋଇଥିଲା। ୩ ଅଭିଯୁକ୍ତ ମଧ୍ୟରେ ଦୁଇ ଜଣ ମଧ୍ୟପ୍ରଦେଶ ଓ ଜଣେ ଛତିଶଗଡ଼ର ବୋଲି ଜଣାପଡ଼ିଛି। ସେମାନେ ହେଲେ ମଧ ପ୍ରଦେଶର ରବିରାଜ୍ ସିଂ ଓ ସନ୍ଦୀପ ସିଂ ବାଘେଲ ଓ ଛତିଶଗଡ଼ ର ରାଜେଶ୍ ସୋନି। ଚଢ଼ଉରେ ବାଲିଗୁଡ଼ା ଉପନିରୀକ୍ଷକ ସୁମିତ୍ରା ଦଳେଇଙ୍କ ସହ ଜୀମୂତ ବେହେରଦଳେଇ, ରାଧାକୃଷ୍ଣ ସାହୁ, ପ୍ରଦୀପ ମଲିକ, ସିପାହୀ ଜ୍ଞାନ ପ୍ରକାଶ ସାହୁ ଓ ସଞ୍ଜୀବ ଭୁକ୍ତା ଉପସ୍ଥିତ ଥିଲେ। ୩ ଜଣ ଅଭିଯୁକ୍ତଙ୍କୁ ଏନଡିପିଏସ୍ କେଶରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଜବତ ହୋଇଥିବା ବେଆଇନ ଗଞ୍ଜେଇର ଆନୁମାନିକ ମୂଲ୍ୟ ପାଖାପାଖି ଦଶ ଲକ୍ଷରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଘାଟି ତଳକୁ ଖସିଲା ବୋଲେରୋ, ୭ ଗୁରୁତର



**ମୋହନା, ୧୪।୬(ସମିସ):** ଦୁଇ ଶହ ଫୁଟ ଘାଟି ତଳକୁ ଖସିଲା ବିଦ୍ୟୁତ ବିଭାଗ ବୋଲେରୋ। ଏଥିରେ ଥିବା ୭ ଜଣ ବିଦ୍ୟୁତ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ଅଡବା ଥାନା କଟାମା ତୁଆଗୁଡା ଘାଟିରେ ଏହି ଘଟଣା ଘଟିଛି। ୩ ଦିନ ହେଲା ତୁଆଗୁଡା ଗାଁରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ଥିଲା। ଏହାକୁ ସଜାଡ଼ିବା ପାଇଁ ଅଡବା ବିଦ୍ୟୁତ ସବଷ୍ଟେସନର ୭ଜଣ କର୍ମଚାରୀ ବୋଲେରୋ ରେ ଯାଇଥିଲେ। ବିଦ୍ୟୁତ ସଜାଡ଼ିବା ପରେ ଅଡବା ଫେରୁଥିଲେ। ରାତି ପ୍ରାୟ ସାଢେ ୯ଟାରେ ତୁଆଗୁଡା ଘାଟିରେ ଭାରସାମ୍ୟ ହରାଇ ବୋଲେରୋ ଘାଟି ତଳକୁ ପ୍ରାୟ ୨୦୦ଫୁଟ ତଳକୁ ଖସିପଡ଼ିଥିଲା। ଖବର ପାଇ ଗ୍ରାମବାସୀ ଓ ବିଦ୍ୟୁତ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରିଥିଲେ। ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ୩ଜଣ ଅତି ଗୁରୁତର ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ଜି.ଉଦୟଗିରି, ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳିଙ୍ଗାର ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବଡ଼ିମୁଣ୍ଡା (ଆଳିଂଗସା) ସହିତ ନିଲୁଙ୍ଗିଆ ମଧ୍ୟରେ ହୋଇଥିଲା। ଏଥିରେ ନିଲୁଗିଂଆ ବିଜୟୀ ହୋଇଥିଲା। ଅଭିନାଷ୍ ପାତ୍ର ଏବଂ ସଚିନ ପ୍ରଧାନ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ସ୍ମୃତିରଞ୍ଜନ ନାୟକ ନିୟୋଜିତ ଥିଲେ। ୧୬ ଟିମ୍‌କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇ ଥିବାବେଳେ ୨୦ ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସଭାପତି ଶିଶିର ଦେହୁରୀ, ସମ୍ପାଦକ ସତ୍ୟବ୍ରତ ଦେହୁରୀ, କୋଷାଧ୍ୟକ୍ଷ ଅମିତ୍ ନାୟକ ଏବଂ କଳିଙ୍ଗାର ବହୁ ଯୁବକଙ୍କ ସହଯୋଗରେ ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

# ୨୨ କିଲୋ ଗଞ୍ଜେଇ ଜବତ ଓ ଜଣେ ଗିରଫ



**ଫିରିଙ୍ଗିଆ, ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ପୁଲିସ ଶୁକ୍ରବାର ଏକ ବାଇକ ସହ ୨୨ କିଲୋ ଦୁଇଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସର ସୂଚନା ଅନୁସାରେ ଶୁକ୍ରବାର ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଥାନାରେ କାର୍ଯ୍ୟରତ ଏସଆଇ ସୃତି ସାମଲଙ୍କ ନେତୃତ୍ୱରେ ଏକ ଟିମ ଗୋଚ୍ଛାପଡ଼ା ଠାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଲଦା ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବାଇକରୁ ୨୨ କିଲୋ ଗଞ୍ଜେଇ ପୁଲିସ ଜବତ କରିଥିଲା। ଗିରଫ ବ୍ୟକ୍ତି ଜଣକ ଗୋଚ୍ଛାପଡ଼ା ଥାନା ବନ୍ଧୁଲି ଗାଁର ରୁଦ୍ର ଦିଗାଲ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଗୋଚ୍ଛାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବ୍ୟକ୍ତିକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ୧୪୩୦ କେଜି ଗଞ୍ଜେଇ ସହ ଦେଶୀ ବନ୍ଧୁକ ଜବତ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ପୁଲିସକୁ ମିଳିଛି ଏକ ବଡ ସଫଳତା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭାରପ୍ରାପ୍ତ ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ଏସଆଇ ଅମରେନ୍ଦ୍ର ସୁବୁଦ୍ଧି, ଏଏସଆଇ ଶଙ୍କର ଓାଡକ, ଏଏସଆଇ ରମାକାନ୍ତ ସେଠୀ, ହୋମଗାର୍ଡଙ୍କ ସହ ଥାର୍ଡ ଏସଏସବିଏନ ପୁଲିସ୍ (ଗଜପତି)ଙ୍କ ମିଳିତ ସହଯୋଗରେ ସରାମୂଳି ପଞ୍ଚାୟତ ଅଞ୍ଚଳ ନାଗାଟି ଜଙ୍ଗଲକୁ ଘେରାଉ କରି ୧୪୩୦ କେଜି ଗଞ୍ଜେଇ ସହ ଗୋଟିଏ ଦେଶୀ ବନ୍ଧୁକ ଜବତ କରି ଥାନାକୁ ଆଣିଥିବା ସୂଚନା ମିଳିଛି। ଏସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି। ଏଥିରେ କାହାକୁ ଗିରଫ କରାଯାଇନାହିଁ ବୋଲି ଭାର ପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ରଜ ଉତ୍ସବ ପାଳିତ



**ପାରଳାଖେମୁଣ୍ଡି, ୧୪।୬(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ବିଭିନ୍ନ ସ୍ଥାନରେ ରଜ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଛି। ରଜଦୋଳି, ଗୀତ ଓ ନାଚର ଆସର ଆୟୋଜନ ମଧ ହୋଇଛି। ଏହା ସହ ପୋଡ଼ ପିଠା, ଗଜା, କାକରା, ଆରିସା ପିଠା ସହ ମିଠାପାନ ବଣ୍ଟନ ହୋଇଛି। ବିଶେଷ କରି ଯୁବତୀ ରଜର ମଜା ନେଉଛନ୍ତି। ପାରଳାଖେମୁଣ୍ଡି ସହରର ବୃନ୍ଦାବନ ପ୍ୟାଲେସ୍ ଆଦି ସହ ପୁରପଲ୍ଲୀରେ୍ୟ ରଜ ଦୋଳି ବାନ୍ଧି ଧୂମଧାମରେ ରଜପର୍ବ ପାଳନ କରାଯାଇଛି।

# କ.ନୂଆଗାଁ କ୍ରିକେଟ୍ ପ୍ରିମିୟର ଲିଗ୍: ମହାଶିଙ୍ଗ ଚାମ୍ପିଅନ୍

**କ.ନୂଆଗାଁ, ୧୪।୬(ସମିସ)**





କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଗହିଙ୍ଗିଆ ଖେଳ ପଡ଼ିଆରେ ଶୁକ୍ରବାର କ୍ରିକେଟ ପ୍ରିମିୟର ଲିଗର ଫାଇନାଲ ମ୍ୟାଚ ମହାସିଙ୍ଗ ଓ କ.ନୂଆଗାଁ (ଖ) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କ.ନୂଆଗାଁ (ଖ) ଦଳ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାଶିଙ୍ଗ ଦଳ ୭ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରିପାରିଥିଲା। ଫଳରେ ୩ ୱିକେଟରେ ମହାଶିଙ୍ଗ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଆଜିର ଏହି ମ୍ୟାଚକୁ ରାହୁଲ କୁମାର ନାୟକ ଓ ବୁବୁନ ମନ୍ତ୍ରୀ ପରିଚାଳନା କରୁଥିଲେ। ଉଦ୍‌ଯାପନୀ ଉତ୍ସବରେ କ.ନୂଆଗାଁ ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ବରିଷ୍ଠ ବିଜେପି ନେତା ପଣ୍ଡିତ କୁମାର ବିଶିମାଝୀ ଓ ବିଜେପି ଜିଲ୍ଲା କୋଷାଧକ୍ଷ ବିଜୟ କୁମାର ସାହୁ ଓ ବରିଷ୍ଠ ସାମ୍ବାଦିକ କାଳୀ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ବିଜେତା ମହାଶିଙ୍ଗ ଦଳକୁ ୯୯୯୯ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୬୯୯୯ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ଭଲ ଫିଲଡର ଭାବେ ଜିତେନ୍ଦ୍ର କୁମାର ବେହେରା, ବୋଲର୍ ଭାବେ ଲିପୁ, କିପର ଭାବେ ସୁରଜ୍, ମେନ୍ ଅଫ୍ ଦା ମ୍ୟାଚ ଭାବେ ଜୁନେଶ ଓ ମେନ୍ ଅଫ୍ ଦା ସିରିଜ ଭାବରେ ସଲିମଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରିକେଟ ପ୍ରିମିୟର ଲିଗକୁ ବୁବୁ କୁମାର ନାୟକ, ସତ୍ୟ ନାରାୟଣ ପଣ୍ଡା, ରଜନୀକାନ୍ତ ସାହୁ, ବିକ୍ରମ ନାୟକ ଓ ଭଞ୍ଜ ପ୍ରଧାନଙ୍କ ସମେତ ଏନ୍‌ସିସି କ୍ରିକେଟ ଆସୋସିଏସନ୍‌ର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରେ ୧୬ ଦଳ ଅଂଶଗ୍ରହଣ କରିଥିଲେ।



# ଖଜୁରୀପଡ଼ାରେ ବିଜେପିର ବିଜୟ ଉତ୍ସବ

**ଫୁଲବାଣୀ ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ସଦରମହକୁମାରେ ବିଜେପି ତରଫରୁ ବିଜୟୀ ଉତ୍ସବ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗ ଦେଇ କର୍ମୀ ଏବଂ ଜନସାଧାରଣ ମାନଙ୍କୁ ବହୁ ସଂଖ୍ୟାରେ ଆଶୀର୍ବାଦ କରିଥିବାରୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ କନ୍ଧମାଳରେ ବୃହତ ବିଜୟୀ ହାସଲ କରିଥିବାରୁ ବିଜେପି ପକ୍ଷରୁ ଖଜୁରୀପଡ଼ାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଖଜୁରୀପଡ଼ା ଲ୍ୟାମ୍ପସେସ୍ ନିକଟରେ ନେତା ଓ କର୍ମୀ ଏକତ୍ର ହୋଇ ପ୍ରଥମେ ମା’ ସୁରାଦେଇ ପୀଠରେ ଦର୍ଶନ କରି ଦେହୁରୀ ସାହି ମଧ ଦେଇ ଶିବମନ୍ଦିର ଓ ଜଗନ୍ନାଥ ମନ୍ଦିର ଦର୍ଶନ କରି ମେଡିକାଲ ଛକ ଦେଇ ବନ୍ଧ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏଥିରେ ଖଜୁରୀପଡ଼ା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, କନ୍ଧମାଳ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ପଣ୍ଡା, ଖଜୁରୀପଡ଼ା ମଣ୍ଡଳ ସଭାପତି ଦଶରଥ ସାହୁ, ବଲସକୁମ୍ପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା, କନ୍ଧମାଳ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରାଜକିଶୋର ପ୍ରଧାନ, ବଲସକୁମ୍ପା ଯୁବମୋର୍ଚ୍ଚା ସଭାପତି ଦେବାଶିଷ ସାହାଣୀ, ଖଜୁରୀପଡ଼ା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଗୋଲକ ବିହାରୀ ମଲିକ, ପୂର୍ବତନ ଏସି ମୋର୍ଚ୍ଚା ସଭାପତି ଅନନ୍ତ ଦିଗାଲ, ରଞ୍ଜନ କହଁର ଓ କେଦାର ଗୌରୀ ସାହୁ ସମେତ ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ।

# ଶୁଖିଲା ପଡ଼ିଥିବା ମହେନ୍ଦ୍ରତନୟା ନଦୀରେ ବୋହିଲା ଜଳସ୍ରୋତ





**ପାରଳାଖେମୁଣ୍ଡି, ୧୪।୬(ସମିସ)**

ଗଜପତି ଜିଲ୍ଲା ତଥା ପାରଳାଖେମୁଣ୍ଡିବାସୀଙ୍କ ଜୀବନରେଖା ମହେନ୍ଦ୍ରତନୟା ନଦୀ ଗତ କିଛି ମାସ ହେଲା ସମ୍ପୂର୍ଣ୍ଣ ଭାବେ ଶୁଖିଲା ପଡ଼ିଥିଲା। ଅଭାବୀ ବର୍ଷା ଓ ଆବଶ୍ୟକ ବ୍ୟବସ୍ଥା ଅଭାବରୁ ଶୁଖିଲା ରହିଥିଲା। ଜିଲ୍ଲାରେ ମୌସୁମୀ ବାୟୁ ସକ୍ରିୟ ହୋଇ ନ ଥିଲେ ମଧ ଗତ କିଛି ଦିନ ହେଲା ବିଭିନ୍ନ ସ୍ଥାନରେ ବିଶେଷ କରି ଉପରମୁଣ୍ଡରେ ଭୀଷଣ କାଳବୈଶାଖୀ ବର୍ଷା ଯୋଗୁଁ ଶୁଖିଲା ପଡ଼ିଥିବା ମହେନ୍ଦ୍ରତନୟାରେ ସାମାନ୍ୟ ଜଳସ୍ତର ଦେଖିବାକୁ ମିଳିଛି। ଏଥିଯୋଗୁଁ ପାନୀୟଜଳ ସଙ୍କଟ ଉପୁଜିଥିବା ବେଳେ ସେଥିରେ କିଛି ମାତ୍ରାରେ ପ୍ରଶମିତ ହେବା ଆଶା କରାଯାଉଛି। ପ୍ରକାଶ ଯେ ମହେନ୍ଦ୍ରତନୟା ନଦୀର ଉତ୍ପତିସ୍ଥଳ ମହେନ୍ଦ୍ରଗିରି ପର୍ବତରେ ରହିଛି। ଏହା ଓଡ଼ିଶାର ଗଜପତି ଜିଲ୍ଲାରେ ସିଂହଭାଗ ପ୍ରବାହିତ ହେଉଥିବା ବେଳେ ଆନ୍ଧ୍ରର କିଛି ଅଞ୍ଚଳରେ ପ୍ରବାହିତ ହେଉଛି। ଆନ୍ଧ୍ର ତାର ସଦୁପଯୋଗ କରିପାରୁଥିବା ବେଳେ ଓଡ଼ିଶା ସଠିକ ଉପଯୋଗ କରିପାରୁ ନାହିଁ। ସୂଚନାଯୋଗ୍ୟ ଯେ ମହେନ୍ଦ୍ରତନୟା ନଦୀର ଜଳକୁ ନେଇ ଉଭୟ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଛି। ଗତ୨୦୦୮ ମସିହା ଏପ୍ରିଲ ୧ ତାରିଖରେ ଗଜପତି ଜିଲ୍ଲା ସୀମାକୁ ଲାଗି ରହିଥିବା ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାର ରେଗୁଲୁପାଡୁରେ ମହେନ୍ଦ୍ରତନୟା ନଦୀର ଜଳକୁ ଲୁଟି ସଂରକ୍ଷଣ କରିବା ପାଇଁ ଏକ ବୃହତ୍ତର ଜଳସେଚନ ପ୍ରକଳ୍ପ ଆନ୍ଧ୍ର କରିଥିଲା। ଆନ୍ଧ୍ରର ଏଭଳି କାର୍ଯ୍ୟକୁ ନେଇ ସେତେବେଳେ ଭବିଷ୍ୟତରେ ଗଜପତି ଜିଲ୍ଲାରେ ପାନୀୟ ଜଳ ଓ କୃଷିକାର୍ଯ୍ୟ ପାଇଁ ସଙ୍କଟ ଉପୁଜିବାର ସମ୍ଭାବନା ରହିଥିବା ଆକଳନ କରି ଜିଲ୍ଲାବାସୀ ଜନ ଆନ୍ଦୋଳନ କରିଥିଲେ। ଏହାସହ ଗଜପତି ଜିଲ୍ଲାରେ ମହେନ୍ଦ୍ରତନୟା ଜଳକୁ ସଂରକ୍ଷଣ କରି ରଖିବା ସକାଶେ ଏକ ଡ୍ୟାମ୍ ନିର୍ମାଣ କରିବାକୁ ଦାବି ହୋଇଥିଲା। ସେତେବେଳେ ଜିଲ୍ଲାବାସୀଙ୍କ ଏହି ଦାବିକୁ ଗ୍ରହଣକରି ଆନ୍ଧ୍ରକୁ ଉପଯୁକ୍ତ ଜବାବ ଉଦ୍ଦେଶ୍ୟରେ ସେହି ବର୍ଷ ଏପ୍ରିଲ ୩୦ ତାରିଖରେ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡ଼ ବ୍ଲକର ଡମ୍ବାପୁରରେ ଡ୍ୟାମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅପରପକ୍ଷରେ ଆନ୍ଧ୍ର ରେଗୁଲୁପାଡୁରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିଥିବା ବେଳେ ଓଡ଼ିଶା ସରକାର ଆବଶ୍ୟକ ଓ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ନ କରିବା କାରଣରୁ ଆଜି ପର୍ଯ୍ୟନ୍ତ ଡମ୍ବାପୁର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ତାର କୁପରିଣାମ ଜିଲ୍ଲାର ରାୟଗଡ଼, ଗୋଷାଣି ବ୍ଲକ ସମେତ ପାରଳାଖେମୁଣ୍ଡି ପୌରାଞ୍ଚଳବାସୀଙ୍କୁ ଭୋଗିବାକୁ ପଡୁଛି ବୋଲି କୁହାଯାଇଛି।

## ୱାରେଣ୍ଟ ବଳରେ ଯୁବକ ଗିରଫ

**ବ୍ରହ୍ମପୁର,୧୪।୬ (ସମିସ):** ବଡ଼ବଜାର ଥାନା ପୁଲିସ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ବଳରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ କପିଳେଶ୍ୱର ମନ୍ଦିର ନିକଟ ଧୋବା ସାହିର ଅମିର ସାହୁ(୨୭)। ଏସଟି/୨୪ରେ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ୨୦୨୩ ସେପ୍ଟେମ୍ବର ମାସରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ହୋଇଥିଲା। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ ପରେ ପୁଲିସ ନଂ.୧୫୮/୨୩ରେ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଜାମିନରେ ଆସିଥିବାବେଳେ କୋର୍ଟରେ ବିଚାରଣା ବେଳେ ହାଜର ହୋଇନଥିଲେ। ତେଣୁ କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ। ଗୁରୁବାର ରାତିରେ ଅମୀର ଘରେ ଥିବା ବେଳେ ଗିରଫ କରାଯାଇଥିଲା ବୋଲି ଥାନାଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

## ମାଛ ବଜାର କଡ଼ରୁ ଯୁବକଙ୍କ ମୃତଦେହ ଜବତ

**ବ୍ରହ୍ମପୁର,୧୪।୬ (ସମିସ):** ବଡବଜାର ଥାନା ପୁଲିସ ଗୁରୁବାର ଅପରାହ୍ନରେ ବିଜୁ ପଟ୍ଟନାୟକ ପାର୍କ ନିକଟ ମାଛ ବଜାର କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କେ.କ୍ରିଷ୍ଣା ପଟ୍ଟନାୟକ(୪୮)। ତାଙ୍କ ଘର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ପ୍ରଥମ ଗଳିରେ। ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ପୁଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାତ୍ରାଧିକ ଗରମରୁ ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ସାଢେ ୪ଟା ବେଳେ ଉକ୍ତ ବଜାର କଡ଼ରେ ଜଣେ ଯୁବକ ମରିପଡିଥିବା ପୁଲିସକୁ ଖବର ମିଳିଥିଲା। ପୁଲିସ ସେଠାରେ ପହଞ୍ଚି ମୃତକଙ୍କ ପକେଟରୁ ମିଳିଥିବା ମୋବାଇଲରୁ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ସେ ଗାନ୍ଧୀନଗର ଅଞ୍ଚଳର ଏକ ଗାଡି ଗ୍ୟାରେଜରେ କାମ କରନ୍ତି। ପ୍ରତିଦିନ ଭଳି ସେ ଗୁରୁବାର କାମକୁ ଯାଇ ଘରକୁ ଫେରିନଥିଲେ ବୋଲି ମୃତଦେହ ଚିହ୍ନଟ କରିଥିବା ତାଙ୍କ ସ୍ତ୍ରୀ କେ.ସାବତ୍ରୀ ପଟ୍ଟନାୟକ କହିଛନ୍ତି।

## କୁଇ ସମାଜ ସେବା ସମିତିର ବାର୍ଷିକ ଉତ୍ସବ



**ଚକାପାଦ, ୧୪।୬(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବ୍ରାହ୍ମଣ ପାଦ ପଞ୍ଚାୟତ ରିଙ୍ଗିବାଡିରେ ବାରକୋଷ ଶାଖା କୁଇ ସମାଜ ସେବା ସମିତିର ବାର୍ଷିକ ଉତ୍ସବ ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ଶାଖା ସଭାପତି ଯୁଗରାଜ ମଲିକଙ୍କ ଅଧକ୍ଷତାରେ ହୋଇଥିଲା। କନ୍ଧମାଳ ଜିଲ୍ଲାର ପୁରାତନ ସଂଗଠନ କୁଇସମାଜ ସମାଜ ସେବା ସମିତି ଫୁଲବାଣୀ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ୫ ପଞ୍ଚାୟତକୁ ନେଇ ବାରକୋଷ ଶାଖା ଗଠନ କରାଯାଇଛି। ଏହି ଶାଖାର ୭ଟି ଉପଶାଖା କରାଯାଇ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ବାର୍ଷିକ ଉତ୍ସବରେ ଅତିଥି ରୂପେ ବ୍ରାହ୍ମଣପାଦ ସରପଞ୍ଚ ହେମକେଶ ମଲିକ, ଲାଇନପଡ଼ାସ୍ଥିତ କୁଇ ଦିନା ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ସୁବାଷ ଚନ୍ଦ୍ର ମଲିକ, କୁଇ ସମାଜ ଯୁବପରିଷଦ କନ୍ଧମାଳ ସମ୍ପାଦକ ଅଚ୍ୟୁତ ଜାନୀ, ବେଙ୍ଗ୍ରିକିଆ ଶାଖା ପୂର୍ବତନ ଉପସଭାପତି ଶରତ କୁମାର କହଁର ଓ ଲାଇନ୍‌ପଡ଼ା ଶାଖା ସହସମ୍ପାଦକ ଅଗସ୍ତି କୁମାର ମଲିକ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଠାକୁର ସ୍ଥାପନ କରାଯାଇ ସାଂଗଠନିକ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିବସରେ ସକାଳେ କୁଇ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ତା’ପରେ କୁଇ ସମାଜର ଯୁବକ ଯୁବତୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଏବଂ ଜିଲ୍ଲାର ବିଭିନ୍ନ ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏତତବ୍ୟତିତ ଶାଖା କର୍ମକର୍ତ୍ତାଙ୍କ କାର୍ଯ୍ୟ କାଳ ଶେଷ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଗୟାଧର କହଁର, ଉପସଭାପତି ସୁପ୍ରଭା ପ୍ରଧାନ, ସମ୍ପାଦକ ନରୋତ୍ତମ ପ୍ରଧାନ, ସହସମ୍ପାଦକ ଅର୍ଚ୍ଚନା ପ୍ରଧାନ, କୋଷାଧକ୍ଷ ବେଲାରସେନ କହଁର, ଉପଦେଷ୍ଟା ସୁବାଷ ଚନ୍ଦ୍ର ମଲିକ, ବରୁଣ ମଲିକ ଓ ନରସିଂହ ମଲିକ ନିର୍ବାଚିତ ହୋଇଥିଲେ। ଏଥିରେ ଶାଖା ସଭାପତି ସମେତ ସମ୍ପାଦକ ବେଲାରସେନ କହଁର ଉପସଭାପତି ନରସିଂହ ମଲିକ, ସହ ସମ୍ପାଦକ ବରୁଣ କହଁର, କୋଷାଧକ୍ଷ ଗୋପୀନାଥ ପ୍ରଧାନ ଓ ୭ ଉପଶାଖା କର୍ମକର୍ତ୍ତା ସମେତ ଗଦାଧର ପ୍ରଧାନ, ଲୋକନାଥ ପ୍ରଧାନ, ବିଶ୍ୱାମିତ୍ର ମଲିକ, ସୁଶିଲ କୁମାର କହଁର ଓ ପ୍ରଶାନ୍ତ ମଲିକ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଛତ୍ରପୁର, ୧୪।୬(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନ୍ଦରପୁର, ନୋଳିଆ ନୂଆଗାଁ ଓ ନରେନ୍ଦ୍ରପୁର ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆୟୁଷ ଡାକ୍ତର ତପସ୍ୱିନୀ ପାତ୍ର, ଡାକ୍ତର ମମତା ମିଶ୍ର ଓ ଡାକ୍ତର ରାମାନୁଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ସମସ୍ତ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏହା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।



## ନାଟକ ‘ଜନମ ନେଇଛି କାନ୍ଦିବା ପାଇଁ’ ମଞ୍ଚସ୍ଥ



**ଜି.ଉଦୟଗିରି, ୧୪।୬ (ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଶୀତଳଷଷ୍ଠୀ ଯାତ୍ରା ପାଇଁ ମେରୁ ପଡ଼ିଆରେ ମଞ୍ଚସ୍ଥ ହୋଇଛି ସାମାଜିକ ନାଟକ ‘ ଜନମ ନେଇଛି କାନ୍ଦିବା ପାଇଁ’। ନାଟକକୁ ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବାଘ, ଯାତ୍ରା କମିଟି ସଭାପତି ଅଶ୍ୱନୀ କୁମାର ନାୟକଙ୍କ ସହିତ ନିର୍ଦ୍ଦେଶକ ମିଲୁ ଆଚାର୍ଯ୍ୟଙ୍କ ଉପସ୍ଥିତରେ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ମା ରୁଦ୍ରକାଳୀ ନାଟ୍ୟ ସଂଘର ଅଭିଜ୍ଞ କଳାକାର ନାଟକରେ ଅଭିନୟ କରିଥିଲେ। ସ୍ୱାର୍ଥପର ସମାଜରେ ମଣିଷ କିଭଳି ଦୁଃଖର ପାହାଡକୁ ସାମନା କରେ ତାହା ନାଟକର କାହାଣୀ ହୋଇଥିବା ବେଳେ କଳାକାରଙ୍କ ଅଭିନୟ ଜୀବନ୍ତ ହୋଇଥିଲା। ଗଞ୍ଜାମର ମିଲୁ ଆଚାର୍ଯ୍ୟ ନାଟକର ନିର୍ଦ୍ଦେଶନା ଦେଇଥିଲେ। ନାଟ୍ୟ ସଂଘର କଳାକାର ପ୍ରତାପ ରୁଦ୍ର ପାତ୍ର, ସୁଦର୍ଶନ ନାୟକ, ବିଶ୍ୱ ମହାରଣା, ଟୁଟୁ ମହାପାତ୍ର, ମଳୟ ମହାନ୍ତି, କାଳୁ ଚରଣ ପଣ୍ଡା, ବାପି ଆଚାର୍ଯ୍ୟ ଓ ଜିତୁ ପଣ୍ଡା ଅଭିନୟ କରିଥିଲେ।

● କୁଏତ ଅଗ୍ନିକାଣ୍ଡରେ ସନ୍ତୋଷଙ୍କ ମୃତ୍ୟୁ ଘଟଣା

# ରଣଝାଲି ଗାଁରେ ଶୋକାକୁଳ ପରିବେଶ

**ପୁରୁଷୋତ୍ତମପୁର, ୧୪।୬(ସମିସ):** କୁଏତରେ ପୋଡିଯାଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ

### ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବି

ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗାଁର ସନ୍ତୋଷ ଗୌଡ(୩୮)। ସନ୍ତୋଷ ପରିବାର ପ୍ରତିପୋଷଣ ପାଇଁ ପ୍ରଥମେ ମୁମ୍ବାଇ ଯାଇଥିଲେ। ସେଠାରେ କିଛି ଦିନ କାମ କରିବା ପରେ ଆହୁରି ଅଧିକ ଅର୍ଥ ରୋଜଗାର ପାଇଁ ୨ବର୍ଷ ତଳେ ସେ କୁଏତ ଯାଇଥିଲେ। ଗତ ଦୁଇବର୍ଷ ଧରି କୁଏତର ଏକ କମ୍ପାନୀରେ କାମ କରୁଥିଲେ। ଗତ ମାର୍ଚ୍ଚ ମାସରେ ତାଙ୍କର ବାପା ବିପ୍ର ଗୌଡ଼ଙ୍କ ହାର୍ଟ ଅପରେଶନ ପାଇଁ ନିଜ ଘରକୁ ଆସି ପୁଣି ଏପ୍ରିଲ ୭ ତାରିଖରେ କୁଏତକୁ ଫେରି ଯାଇ ହାଇୱେ ନାମକ ଏକ ଶପିଂମଲ୍‌ରେ କାର୍ଯ୍ୟ କରୁଥିଲେ। ତେବେ ଗତ ବୁଧବାର ଦିନ କମ୍ପାନୀରେ କାମ କରି ସେ ରହୁଥିବା କୁଏତର ଦକ୍ଷିଣ ପ୍ରାନ୍ତ ସ୍ଥିତ ଅହମଦୀର ମଙ୍ଗାଫରରେ ଥିବା ଏକ ବିଲ୍ଡିଂ ରୁମକୁ ଫେରି ରାତିରେ ଶୋଇଥିଲେ। ରାତିରେ ସେହି ବିଲ୍ଡିଂ ହଠାତ ଅଗ୍ନିକାଣ୍ଡ ହୋଇଥିଲା। ଏହି ଅଗ୍ନିକାଣ୍ଡରେ ୪୯ ଭାରତୀୟଙ୍କ ସମେତ ଗଞ୍ଜାମ ରଣଝାଲିର ସନ୍ତୋଷ, କଟକର ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମଧ ମୃତ୍ୟୁ ହୋଇଛି। ସନ୍ତୋଷଙ୍କ ମୃତ୍ୟୁ ଖବର ଶୁଣିବା ପରେ ତାଙ୍କ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି। ସେ କାମ କରୁଥିବା କମ୍ପାନୀ ପକ୍ଷରୁ ତାଙ୍କ ମୃତଦେହକୁ କୁଏତରୁ ଭୁବନେଶ୍ୱରକୁ ପଠାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ତୋଷଙ୍କ ମରଶରୀର ଭୁବନେଶ୍ୱରରୁ ଜନ୍ମ ସ୍ଥାନ ରଣଝାଲି ଗ୍ରାମକୁ ଆଣିବାର ପ୍ରୟାସ କରାଯାଉଛି। ସନ୍ତୋଷଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ରୋଗିଣା ବାପା, ମା’ ଓ ପତ୍ନୀ ସହିତ ଦୁଇଟି ସନ୍ତାନ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ନିବେଦନ କରାଯାଇଛି।





କୁକୁଡ଼ାଖଣ୍ଡି ଦୟାପଲ୍ଲିରେ ଶୀତଳ ଷଷ୍ଠୀ ଯାତ୍ରା

## ଆଇଡି ବୋମା ବିସ୍ଫୋରଣରେ ଦୁଇ ଯବାନ ଆହତ

**ମାଲକାନଗିରି,୧୪।୬(ସମିସ):** ମାଲକାନଗିଇର ଜିଲ୍ଲା ସୀମାନ୍ତରେ ଛତିଶଗଡ଼ର ନାରାୟଣପୁରରେ ମାଓଦମନ ତଲାସୀ ଅଭିଯାନବେଳେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଗୋଟିଏ ଆଇଡି ବୋମା ବିସ୍ଫୋରଣରେ ଦୁଇଜଣ ଯବାନ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲା ସୀମାନ୍ତ ନାରାୟଣପୁରର କୋହକାମେଟା ଥାନା ଅନ୍ତର୍ଗତ କୁଟୁଲ ଏବଂ ମୋହାଣ୍ଡି ଜଙ୍ଗଲରେ ଆଇଟିବିପି ୫୩ ବାଟାଲିୟନ ଟିମ୍ ପକ୍ଷରୁ ମାଓଦମନ ନିମନ୍ତେ ତଲାସୀ ଅଭିଯାନ ଜାରି ରହିଥିଲା। ଏହି ସୀମାରେ କୁଟୁଲ ଗ୍ରାମ ନିକଟରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଯବାନଙ୍କୁ ଟାର୍ଗେଟ କରି ଲଗାଯାଇଥିବା ଗୋଟିଏ ଆଇଡି ବୋମା ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ଦୁଇଜଣ ଯବାନ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନାରାୟଣପୁର ନିଆଯାଇଥିବାବେଳେ ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ଆହତଙ୍କ ଅବସ୍ଥା ସ୍ଥିର ଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି।



## ଓଏସ୍‌ଆରଟି ବସ୍ ଦୁର୍ଘଟଣା ଗ୍ରସ୍ତ, ୧୫ ଆହତ

**ବେଲଗୁଣ୍ଠା, ୧୪।୬ (ସମିସ):** ଆଜି ରାତ୍ର ୯ଟା।୪୫ ମିନିଟ୍ ସମୟରେ ଭୁବନେଶ୍ୱରରରୁ ବାଲିଗୁଡା ଯାଉଥିବା ଓଡି ୦୫ ବିସି ୪୧୯୮ ନମ୍ବର୍ ବିଶିଷ୍ଟ ଓଏସ୍‌ଆରଟି ବସ୍ ବେଲଗୁଣ୍ଠା ନିକଟରେ ଦୂର୍ଘଟଣାଗ୍ରସ୍ତ ହୋଇଛି । ବସ୍ ବେଲଗୁଣ୍ଠାରେ ପହଞ୍ଚିବା ପରେ ଭଞ୍ଜନଗର ଦେଇ ବାଲିଗୁଡା ଯାଉଥିଲା। ବେଲଗୁଣ୍ଠା ଠାରୁ ବାଣତୂମ୍ବ ମଝିରେ ପାନକୀଆରୀ ନିକଟରେ ଡ଼ାହାଣ ପାର୍ଶ୍ୱରେ ଥିବା ଏକ ବିରାଟ କାକପୋଇ ଗଛରେ ବସ୍ଟି ବାଡେଇ ହୋଇଛି । ଫଳରେ ଗାଡ଼ିରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭର ସମେତ ୧୫ ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ଉପସ୍ଥିତିରେ ପୁଲିସ୍, ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ବ୍ୟକ୍ତି ଆହତଙ୍କୁ ଉଦ୍ଧାର କରି ଦୁଇଟି ଆମ୍ବୁଲାନ୍ସ ଏବଂ ଅଟୋ ସାହାଯ୍ୟରେ ଭଞ୍ଜନଗର ମେଡିକାଲକୁ ପଠାଇଛନ୍ତି ।

# ନୂତନ ପ୍ରଜାତିର ମାଛ 'ଓପିକଥସ ସୂର୍ଯ୍ୟାଇ' ଚିହ୍ନଟ

ବ୍ରହ୍ମପୁର,୧୪।୬(ସମିସ)



ଗୋପାଳପୁର ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ନୂତନ ପ୍ରଜାତିର କୋଚିଆ ମାଛ "ଓପିକଥସ ସୂର୍ଯ୍ୟାଇ' ଚିହ୍ନଟ କରାଯାଇଛି। ଏହି ମାଛ ଓଡିଶାର ସୁବର୍ଣ୍ଣରେଖା ମୁହାଁଣ, ବାହୁଦା ମୁହାଁଣ ଓ ପାରାଦୀପ ଉପକୂଳରୁ ସଂଗ୍ରହ କରାଯାଇଥିଲା। ଏହି ମାଛର ନାମ ଓପିକଥସ ସୂର୍ଯ୍ୟାଇ ବୋଲି ଓଡିଶା ମତ୍ସ୍ୟ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ତଥା ପୂର୍ବତନ ମତ୍ସ୍ୟ ପରାମର୍ଶ ଦାତା ସୂର୍ଯ୍ୟ କୁମାର ମହାନ୍ତିଙ୍କ ସମ୍ମାନାର୍ଥେ ନାମକରଣ ହୋଇଛି । ଓଡିଶା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ମତ୍ସ୍ୟଚାଷ ପ୍ରତି ଏହା ତାଙ୍କର ଉଲ୍ଲେଖନୀୟ ଅବଦାନ ପ୍ରାଧିକରଣ। ଏହି ମାଛକୁ ଗୋପାଳପୁର କେନ୍ଦ୍ରର ବୈଜ୍ଞାନିକ ଡ଼. ଅନିଲ ମହାପାତ୍ର ଏବଂ ରାଜେଶ କୁମାର ବେହେରା ଓଡିଶାର ସୁବର୍ଣ୍ଣରେଖା ମୁହାଁଣ ଅବସ୍ଥିତ ତାଳସେରୀ ପାଖରୁ ଚାରୋଟି ନମୁନା ସଂଗ୍ରହ କରିଥିଲେ। ପରେ ଏହି ମାଛ ପାରାଦୀପ ସ୍ଥିତ ମତ୍ସ୍ୟ ଅବତରଣ କେନ୍ଦ୍ରରୁ ମିଳିଥିଲା। ଏହି ମାଛର ବିଭିନ୍ନ ପରୀକ୍ଷା ନିରୀକ୍ଷା ଚାଲିଥିବା ସମୟରେ ପୁଣି ଏହି ମାଛ ସୁନାପୁର ବେଳାଭୂମି ନିକଟସ୍ଥ ବାହୁଦା ମୁହାଣରୁ ମିଳିଥିଲା। ସୁବର୍ଣ୍ଣରେଖା ଏବଂ ପାରାଦୀପ ଉପକୂଳ ନମୁନାର ବାହ୍ୟ ଶରୀରକୁ ଅନୁଧ୍ୟାନ କରିବାରୁ ଦୁଇଟି ଜାଗାର ମାଛ ଦୁଇ ପ୍ରକାର ବୋଲି ଜଣାପଡ଼ିଥିଲା। ସେମାନଙ୍କ ଦାନ୍ତ ଭିନ୍ନ ରହିଥିଲା। ତେଣୁ ଦୁଇଟି ଭିନ୍ନ ନମୁନାର ଡ଼ିଏନଏ ପରୀକ୍ଷା କରାଯିବା ପରେ ଜଣାପଡିଲା ଯେ, ଦୁଇଟି ଭିନ୍ନ ଆକାରର ସମ ପ୍ରଜାତିର ମାଛ ଏବଂ ପୂର୍ବ ସମ ପ୍ରଜାତିରମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ମାଛର ସମ୍ପୂର୍ଣ୍ଣ ଗବେଷଣା ଗବେଷକ ରାଜେଶ କୁମାର ବେହେରା ଏବଂ ସ୍ମୃତିରେଖା ଆଚାର୍ଯ୍ୟ ମିଳିତ ଭାବେ କରିଥିବା ବେଳେ ବୈଜ୍ଞାନିକ ଡ଼ ଅନିଲ ମହାପାତ୍ର ଏବଂ ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ମାଛଟି ସାଧାରଣତଃ ମୁହାଣ ନିକଟବର୍ତ୍ତୀ ଏବଂ ଉପକୂଳ ବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି। ୧୪୪ ସଂଖ୍ୟକ ମେରୁଦଣ୍ଡ ବିଶିଷ୍ଟ ହାଡ ରହିଥିବା ଏହି ମାଛର ଡରସାଲ ଫିନର ଅବସ୍ଥିତି ଅନ୍ୟ ସମପ୍ରଜାତି ମାନଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନକ୍ଷ ଏହାର ଦାନ୍ତ ମୁନିଆ ଏବଂ ଏକରୁ ବହୁ ଧାଡି ବିଶିଷ୍ଟ। ଏହି ମାଛର ସବିଶେଷ ବିବରଣୀ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପତ୍ରିକା "ବୁଲେଟିନ ଅଫ ମେରାଇନ ସାଇନ୍ସ"ରେ ପ୍ରକାଶ ପାଇଛି। ଏହି ମାଛର ଆବିଷ୍କାର ପରେ ଭାରତରେ ଏହି ପ୍ରଜାତିର ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଏନେଇ କେନ୍ଦ୍ର ବୈଜ୍ଞାନିକ ଡ଼. ମହାପାତ୍ରଙ୍କ ସହ ଯୋଗଯୋଗ ବେଳେ ସେ କହିଛନ୍ତି ଯେ, ଏହି ମାଛ ନୂତନ ପ୍ରଜାତିର ଏବଂ ଓଡିଶାର ସୁବର୍ଣ୍ଣରେଖା ମୁହାଁଣ ଏବଂ ବାହୁଦା ମୁହାଁଣରୁ ସଂଗ୍ରହ କରାଯିବା ସହ ପାରାଦୀପ ଉପକୂଳରୁ ମଧ୍ୟ ସଂଗ୍ରହ ହୋଇଥିବା କହିଥିଲେ। ସୂର୍ଯ୍ୟ କୁମାର ମହାନ୍ତିଙ୍କ ପାଖରୁ ଗବେଷଣା ଶିକ୍ଷା ଲାଭ କରିଥିବାରୁ ତାଙ୍କ ନାମରେ ଓପିକଥସ ସୂର୍ଯ୍ୟାଇ ରଖାଯାଇଥିବା କହିଛନ୍ତି।

**ମଶାଣୀରୁ ମୃତ ମହିଳାଙ୍କ ନମୁନା ସଂଗ୍ରହ ଘଟଣା**

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିବା ସନ୍ଦେହ**

**ବ୍ରହ୍ମପୁର,୧୪।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ଗ୍ରାମର ଜଣେ ବିବାହିତ ମହିଳାକୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଶୁକ୍ରବାର ଉକ୍ତ ମହିଳାଙ୍କ ସ୍ୱାମୀ ବି. ଦଣ୍ଡପାଣିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦଣ୍ଡପାଣିଙ୍କ ଠାରୁ ପୁଲିସ ଏକ କାଠ ଫାଳିଆ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଜରଡ଼ା ଥାନା ଅନ୍ତର୍ଗତ ବି. ନୂଆଗାଁର ଏମ. ଜାଗାମ୍ମାଙ୍କ ଝିଅ ବି. ପୁଷ୍ପା(୨୨) ରଙ୍ଗେଇଲୁଣ୍ଡା ଗ୍ରାମର ବି. ଦଣ୍ଡପାଣିକୁ ୨୦୨୧ ମସିହାରେ ବିବାହ କରିଥିଲେ। କୌଣସି କାରଣକୁ ନେଇ କିଛିଦିନ ପୂର୍ବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମାରପିଟ ହୋଇଥିଲା। ପରବର୍ତ୍ତୀ ସମୟରେ ଝିଅ ଘର ପରିବାର ଲୋକଙ୍କୁ ଡକାଇ ଉକ୍ତ ଝଗଡାର ସମାଧାନ ହୋଇଥିଲା। ଶନିବାର ସକାଳେ ପୁଷ୍ପା ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଥିବା ଖବର ପୁଷ୍ପାଙ୍କ ପରିବା ଲୋକଙ୍କୁ ଦଣ୍ଡ ଖବର ଦେଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୁଷ୍ପାଙ୍କ ପରିବାର ଲୋକେ ପହଁଚିଥିଲେ। ଦଣ୍ଡଙ୍କ ପରିବାର ଲୋକଙ୍କୁ ଦେଖି ସନ୍ଦେହ ହୋଇଥିଲା। ପରେ ପୁଷ୍ପାର ମୃତଦେହ ନେଇ ମଶାଣୀଙ୍କୁ ନେଇଥିଲେ। ଏହି ସମୟରେ ଅର୍ଥାତ ବୁଧବାର ମା' ଜାଗାମ୍ମା ମୋ ଝିଅ ପୁଷ୍ପାକୁ ତାଙ୍କ ଶଶୁର ଘର ଲୋକେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତୁରନ୍ତ ମଶାଣିକୁ ଯାଇ ନମୁନା ସଂଗ୍ରହ କରିବା ସହ ସ୍ୱାମୀ ଦଣ୍ଡକୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ତଦନ୍ତ ବେଳେ ଦଣ୍ଡ ନିଜ ସ୍ତ୍ରୀ ପୁଷ୍ପାକୁ କାଠ ଫାଳିଆରେ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ନମୁନା ସଂଗ୍ରହ ହୋଇଛି। ଫରେନ୍ସି ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**■ ଅଜଣା ରୋଗରେ ୫ ଶିଶୁ ମୃତ୍ୟୁ ଘଟଣା**

# ମୁନୁଷପଦର ଗାଁରେ ନବନିର୍ବାଚିତ ବିଧାୟକ ଆପଲସ୍ୱାମୀ

**● ମୌଳିକ ସମସ୍ୟାର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି**



**ଟିକିରି, ୧୪।୬(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ମୁନୁଷପଦର ଗ୍ରାମରେ ଥମୁନି ଅଜଣା ରୋଗ ଆତଙ୍କ। କିଛିଦିନ ଭିତରେ ଗଲାଣି ୫ ଜୀବନ। ମୁନୁଷପଦରରେ ପରିସ୍ଥିତି ଉଦବେଗଜନକ ରହିଛି। ଆଜି ଉକ୍ତ ଗ୍ରାମକୁ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଗସ୍ତକରି ଆକ୍ରାନ୍ତ ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ତାଙ୍କୁ ସହ କାଶୀପୁର ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ, ଜିଲ୍ଲା ଯୁବ ସଭାପତି ଜସେଫ ଖୋସଲା, କାଶୀପୁର' ଖ' ଜୋନ୍ ଜିଲ୍ଲା ପରିଷଦର ସଭ୍ୟ ରଞ୍ଜିତା ନାଏକ, କଂଗ୍ରେସ ମହିଳା ସଭାନେତ୍ରୀ ଅମ୍ବିକା ମାଝି, ଡଙ୍ଗାସିଲ ଗ୍ରାମର କଂଗ୍ରେସ କର୍ମୀ ଉମାଶଙ୍କର ନାଏକ, ନିରଞ୍ଜନ ନାଏକ, ସଦନ ମାଝି, ଜିଜୁରୁ ମାଝି ଓ ପଞ୍ଚାୟତ ସଭାପତି କବିରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଗତକାଲି ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ନାବାଳିକାର ଜୀବନ ଯାଇଛି। ଏବେ ମୃତ୍ୟୁସଂଖ୍ୟା ୫ରେ ରହିଥିବା ବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ ୨ ଜଣ ଶିଶୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ଡାକ୍ତରୀ ଦଳ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଗୋଟିଏ ଡାକ୍ତରୀ ଟିମ୍ ଆସି ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବା ସହ ଆକ୍ରାନ୍ତଙ୍କ ଗଳାରୁ ନମୁନା, ପାନୀୟଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ପରୀକ୍ଷା ଚାଲିଥିବାରୁ ଏହା କେଉଁ ରୋଗ ତାହା ଆଜି ସୁଦ୍ଧା ଜଣାପଡ଼ିନାହିଁ। ଡିପଥେରିଆ ନାମକ ରୋଗ ବ୍ୟାପିଥିବା ସନ୍ଦେହ କରାଯାଉଛି। କାରଣ ଡିପଥେରିଆ ରୋଗର ସମସ୍ତ ଲକ୍ଷଣ ଆକ୍ରାନ୍ତଙ୍କ ପାଖରେ ରହିଛି। ସ୍ୱାସ୍ଥ୍ୟବିଭାଗ ଏବଂ ପ୍ରଶାସନ ପକ୍ଷରୁ ରୋଗକୁ ନିୟନ୍ତ୍ରଣ କରିବାପାଇଁ ଉଦ୍ୟମ ଜାରି ରହିଛି।

**● ବିଶ୍ୱ ରକ୍ତଦାତା ଦିବସ ପାଳନ**

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ



**ସେମିଳିଗୁଡ଼ା, ୧୪।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସଭାପତି ବିନୟଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଡ. ପାତ୍ର, ୧୮ ନଂ ୱାର୍ଡର କାଉନସିଲର ମମତା ରାୟ ଏବଂ ଡିବିଡିଏମଏଫ୍ ସଭାପତି ଜି. ସଞ୍ଜୀବ କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ନାଗରିକ ସଂଘର ସଭାପତି ବିନୟଚନ୍ଦ୍ର ପଟ୍ଟନାୟକ ଏବଂ ଫୋରମର ସାଧାରଣ ସମ୍ପାଦକ ଶେଖ ଇବ୍ରାହିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାହେଦା ପରୱିନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ରକ୍ତଦାନ ଶିବିରରେ ବରିଷ୍ଠ ନାଗରିକ ସଂଘର ସଦସ୍ୟ ସିଏଚ ପ୍ରଦୀପ ପାତ୍ର ଏବଂ କାଉନସିଲର ମମତା ରାୟ ସର୍ବପ୍ରଥମେ ରକ୍ତଦାନ କରିଥିବା ବେଳେ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଭେଙ୍କଟଶ୍ୱର ମିଶ୍ର, ସ୍ନେହଲତା ମିଶ୍ର, ହର୍ଷିତା ମିଶ୍ର, ଗୋଟିଏ ଦମ୍ପତି ଟୁକୁନା ସାହୁ, ସୁନିତା ସାହୁ, ଦୁଇ ଜଣ ମହିଳା ରକ୍ତଦାତା ସଙ୍ଗୀତା ସାହୁ, ସୁମତି ଟାକ୍ରି, ଅଧ୍ୟାପକ ଶିବାଶିଷ ପଟ୍ଟନାୟକ, ଦେବାଶିଷ ସାହୁ, ଭାସ୍କର ବେହେରା, ରାମପ୍ରସାଦ ଦାଶ, ରବିନାରାୟଣ ପୃଷ୍ଟି, ସୁଦର୍ଶନ ପରିଡ଼ା, ଲଲାଟେନ୍ଦୁ ପାଠୀ, ଲକ୍ଷ୍ମୀକାନ୍ତ ପାତ୍ର, ରମଣି ରଞ୍ଜନ ଦାଶ, ଗୋବିନ୍ଦ ବଲ୍ଲଭ ପାଢ଼ୀଙ୍କ ସମେତ ସମୁଦାୟ ୫୧ ଜଣ ରକ୍ତଦାନ କରିଥିଲେ। ସଂଘର କର୍ମକର୍ତ୍ତା ପ୍ରତାପଚନ୍ଦ୍ର ପାତ୍ର, ରଘୁନାଥ ପାଣିଗ୍ରାହୀ, ପାଣ୍ଡୁଚରଣ ସାହୁଙ୍କ ସମେତ ଡିବିଡିଏମଏଫ୍‌ର ଡ. ଉମାଶଙ୍କର ପ୍ରସାଦ ପାତ୍ର, ବିଜୟ ସାହୁ, ଆନନ୍ଦ ମୌଳି ପଟ୍ଟନାୟକ, ଚିନ୍ତାମଣି ପୃଷ୍ଟି ଶିବିର ପରିଚାଳନା କରିଥଲେ। ସୁଶାନ୍ତ ସାହୁ, ନୀଳକଣ୍ଠ ଧିବର, ନୀଳକଣ୍ଠ ଡୋଳିଆ, ଈଶ୍ୱରଚନ୍ଦ୍ର ଗୁରୁ, କେଶବଚନ୍ଦ୍ର ସାହୁ, ପ୍ରଶାନ୍ତଚନ୍ଦ୍ର ବେହେରା, ନୀଳମଣି ନାୟକ, ପଙ୍କଜିନି ଦାସ, ସୌଦାମିନୀ ସାହୁ, ମିନାକୁମାରୀ ପୃଷ୍ଟି ଏବଂ ସଂଘର ଅନେକ ସଦସ୍ୟ ସହଯୋଗ କରିଥିଲେ। କୋରାପୁଟ ରକ୍ତଭଣ୍ଡାରର କର୍ମକର୍ତ୍ତା ଯଜ୍ଞସେନି ମହାପାତ୍ର, ଦେବବ୍ରତ ଦାସ, ସଞ୍ଜୟ ସିଂ, ରବୀନ୍ଦ୍ର ମିଶ୍ର, ଗଣେଶ ପଲେଇ, ଦିଲ୍ଲୀପ ବେହେରା ଏବଂ ଚିନ୍ମୟ ରଞ୍ଜନ ପ୍ରଧାନ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଓଡ଼ିଶା କୋୟା ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ 'ବାଡ଼ସାତ ପାଣ୍ଡୁମ୍' ପାଳିତ

ମାଲକାନଗିରି,୧୪।୬(ସମିସ):

ମାଲକାନଗିରି ଜିଲ୍ଲା ସଦର ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତ ସଦର ମହକୁମାଠାରେ ଓଡ଼ିଶା କୋୟା ସମାଜ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ 'ବାଡ଼ସାତ ପାଣ୍ଡୁମ୍' ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଏହି ପର୍ବ ଜିଲ୍ଲାସ୍ତରରେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଗୋରାଖୁଣ୍ଟାଠାରେ ସମାଜ ତରଫରୁ କୋୟା ଜନଜାତିଙ୍କ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୀତିର ସଂସ୍କାର ସହ ସାମ୍ବିଧାନିକ ଅଧିକାର ବିଷୟରେ ସମାଜର ଜନସାଧାରଣଙ୍କୁ ସଚେତନ ଓ ଅବଗତ କରିବା ନିମନ୍ତେ ଏହି ଜନଜାତିର ପାରମ୍ପରିକ 'ବାଡ଼ସାତ୍ ପାଣ୍ଡୁମ୍' ପର୍ବ ପାଳନ ହୋଇଥାଏ। ଓଡ଼ିଶା କୋୟା ସମାଜ ମାଲକାନଗିରିର ସଭାପତି ମୁକୁନ୍ଦ ପଡ଼ିଆମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ ଛତିଶଗଡ଼ କେବିକେଏସ୍ ସଂସ୍ଥାପକ ଅଶ୍ୱିନୀ କାଙ୍ଗେ, ଜାତୀୟ କୋୟା ଭାଷା ଗବେଷକ ନେହେରୁ ମାଡ଼ି, ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ପରଜା ସମାଜ ସଭାପତି ଘେନୁ ମୁଦୁଲି, ଡିଡାଇ ସମାଜ ସଭାପତି ବଂଶୀଧର ମୁଦୁଲି, ଦୁରୁଆ ସମାଜ ସଭାପତି ମଙ୍ଗଳା ଦୁରୁଆ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଆଦିବାସୀ ମହାସଂଘ ଓଡ଼ିଶା ରାଜ୍ୟ ସଂଯୋଜକ ତଥା ଓକିଲ ରବିନ୍ଦ୍ରନାଥ ମାଡ଼ିଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେସନରେ ମୁଖ୍ୟ ଅତିଥି ଭାବେ କଟକ ରେଭେନ୍ସା କଲେଜ ଅଧ୍ୟାପକ ଡ. ସଞ୍ଜୟ କୁମାର ମାଡ଼କାମୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମୀ, ଓଡ଼ିଶା କୋୟା ସମାଜ କୋଷାଧ୍ୟକ୍ଷ ଦେବା ସୋଡି, ଜିଲ୍ଲା ଶ୍ରମ ସହଅଧିକାରୀ ପୂର୍ଣ୍ଣିମା ଡୁରୁକା, ବାଲିମେଳା ମହାବିଦ୍ୟାଳୟ ଅଧ୍ୟାପକ ଚନ୍ଦ୍ରଶେଖର ମାଡ଼ି ପ୍ରମୁଖ ଅଂଶଗ୍ରହଣ କରି କୋୟା ଜନଜାତିଙ୍କ ଭାଷା, ସଂସ୍କୃତି, ଚାଲିଚଳନ, ପାରମ୍ପରିକ ନୃତ୍ୟ, ଗୀତ, ସାମାଜିକ



ଚାଲିଚଳନ ଇତ୍ୟାଦି ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ କୋୟା ଜନଜାତିଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିପରି କରାଯିବ ସେଥି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବେ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ମାଲକାନଗିରି ଜିଲ୍ଲାରେ ଲୋକସଂଖ୍ୟା ତୁଳନାରେ ୩୬ ପ୍ରତିଶତ କୋୟା ସମ୍ପ୍ରଦାୟ ଜନଜାତି ଶହ ଶହ ବର୍ଷ ଧରି ଏହି ଜିଲ୍ଲାରେ ବସବାସ କରୁଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଜନଜାତିଙ୍କ ବିଶେଷ କିଛି ଉନ୍ନତି ହୋଇନାହିଁ। ଜଳ, ଜମି, ଜଙ୍ଗଲ ଏମାନଙ୍କ ପିତୃପୁରୁଷ ଅମଳରୁ ଅଧିକାର ହୋଇ ଆସୁଥିଲେ ମଧ୍ୟ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା, ଘରଡିହ ପଟ୍ଟା, ଚାଷ ଜମି ପଟ୍ଟା ଅନେକ ଅଞ୍ଚଳରେ ପ୍ରଦାନ କରାଯାଇ ନ ଥିବାରୁ ଏହାର ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଶିକ୍ଷିତ ଯୁବକଯୁବତୀମାନଙ୍କୁ ଜିଲ୍ଲାଭିତ୍ତିକ ନିଯୁକ୍ତି, ଛାତ୍ରଛାତ୍ରୀମାନଙ୍କ ପ୍ରାରମ୍ଭରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସରକାର ନେବା ପାଇଁ ଦାବି କରାଯାଇଥିଲା। ଆଗାମୀ ଦିନରେ ଏହି ଜନଜାତିଙ୍କ ପ୍ରତି ଉଭୟ ସରକାର ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଏକ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ପୁରପଲ୍ଲୀରେ ରଜ ମଉଜ

# ଗାଁ ଠୁ ସହର ଉତ୍ସବମୁଖର



ମାଲକାନଗିରି, ୧୪।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ଓଡ଼ିଶାର ଗଣପର୍ବ ରଜ। ପହିଲି ରଜ ଅବସରରେ ସହର ଓ ଗାଁ ଉତ୍ସବମୁଖର ରହିଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ମଧ୍ୟ ଏହି ରଜ ପର୍ବକୁ ବେଶ୍ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି ଲୋକେ। ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଡ଼ମ୍ବର ସହକାରେ ଏହି ରଜ ପର୍ବ ପାଳନ ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଦୋଳି ଖେଳ ଓ ବିଭିନ୍ନ ପିଠା ପଣାର ମହକ ପରିବେଶକୁ ମହକାଇ ଦେଇଛି।

ମାଲକାନଗିରିସ୍ଥିତ ଅଲଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ ଆଓମା ଗୁରୁକୁଳର ଅନ୍ତେବାସୀ ଏହାକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଗଛ ଡାଳରେ ଦୋଳି ଲଗାଇ ପିଲାମାନେ ଦୋଳିଖେଳିବା ସହିତ ପୁଚି ପ୍ରତିଯୋଗିତା ହୋଇଥିଲଶ। ସେହିପରି ପୁଅ ପିଲାମାନେ କବାଡ଼ି ପ୍ରତିଯୋଗିତା ସହ ରଜ ଦୋଳି ଗୀତର ତାଳେ ତାଳେ ନୃତ୍ୟ କରିଥିବା ଦେଖିବାକୁ ମିଳିଛି। ପାରମ୍ପରିକ ପୋଡ଼ପିଠା, ମଣ୍ଡାପିଠା, ଆମ୍ବ, ପଣସ ନିଜ ନିଜ ମଧ୍ୟରେ ଖୁଆଇବା ସହ ବେଶ୍ ମଜା ନେଇଛନ୍ତି ଲୋକେ। ଏଠାରେ ଅନେକ ମା'ବାପା ଛେଉଣ୍ଡ ଅନାଥ ପିଲା ଅଧ୍ୟୟନ କରିବା ସହ ଆତ୍ମରକ୍ଷା କୌଶଳ ଜୁଡୋ ତାଲିମ ନେଇ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇପାରିଥିବା ବେଳେ ବର୍ତ୍ତମାନ ଓଡ଼ିଶାର ପରମ୍ପରାକୁ ଜୀବିତ ରଖିବା ପାଇଁ ରଜକୁ ବେଶ୍ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି।

# ଜମୁଛି ଦୋଳି ଝୁଲଣ ସହ ଭୋଜିଭାତର ଆସର

**ନନ୍ଦପୁର, ୧୪।୬(ସମିସ):** ଓଡ଼ିଶାର ଲୋକପ୍ରିୟ ଉତ୍ସବ ରଜ ପର୍ବ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏହ ଅବସରରେ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳୁଛି। ଝିଅମାନେ ନୂଆ ପୋଷାକ ପିନ୍ଧି ସାହି ମଧ୍ୟରେ କରାଯାଇଥିବା ଦୋଳିରେ ଝୁଲି ସମୟ ବିତାଇଥାନ୍ତି। ସେପଟେ ପୁରୁଷମାନେ ଗାଁ ଦାଣ୍ଡ ସଦରରେ ଏକତ୍ରିତ ହୋଇ ପଶା ଖେଳରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥାଏ। ମା'ମାନେ ବିଭିନ୍ନ ପ୍ରକାର ପିଠା କରି ଏକ ଆନନ୍ଦ ଉଲ୍ଲାସରେ ପର୍ବକୁ ପାଳନ କରିଥାନ୍ତି। ଏହି ରଜ ଉତ୍ସବରେ ବିଭିନ୍ନ ପ୍ରକାର ରୀତିନୀତି ମଧ୍ୟ ଏକ ଉତ୍ସାହର ସହ ପାଳନ କରାଯାଇଥାଏ। ବର୍ତ୍ତମାନ ଧୀରେ ଧୀରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ପୁରପଲ୍ଲୀରେ ମଧ୍ୟ ରଜ ଉତ୍ସବ ପାଳନର ମହକ ଦେଖିବାକୁ ମିଳିଛି। ଏହି ଉତ୍ସବ ଏବେ କୋରାପୁଟ ଜିଲ୍ଲାର ପୁରପଲ୍ଲୀର ଯୁବତୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ପ୍ରତି ଗାଁ ଦାଣ୍ଡରେ ଦୋଳି ସହ ସାହି ସାହି ମଧ୍ୟରେ ଯୁବତୀମାନେ ଏକତ୍ରିତ ହୋଇ ଭୋଜି ଭାତ ସହ ଉତ୍ସବର ଆନନ୍ଦ ନେଇଥିବା ଦେଖିବାକୁ ମିଳିଛି।



